# Odisha Legislative Assembly

## ପ୍ରଥମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୧ ସେପ୍ଟେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ଶକ୍ତି - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 186**

----

### ଅଚଳ ନଳକୂପ ମରାମତି

4157 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ବିଗତ 5 ଆର୍ଥିକ ବର୍ଷଗୁଡିକରେ କୃଷି ଶିଳ୍ପ ନିଗମ ରାଜ୍ୟରେ କେତେଜଣ କୃଷକଙ୍କୁ 50% ରିହାତିରେ ପମ୍ପସେଟ୍ ଯୋଗାଇଥିଲେ ତାର ଜିଲ୍ଲାୱାରୀ ପରିସଂଖ୍ୟାନ ଦେବେ କି ; ବର୍ତ୍ତମାନ ସୁଦ୍ଧା ଅଚଳ ହୋଇ ପଡିଥିବା ବିଦ୍ୟୁତ ଚାଳିତ ନଳକୂପର ସଂଖ୍ୟା କେତେ ; ଅଚଳ ନଳକୂପ ଗୁଡିକର ମରାମତି କରି କାର୍ଯ୍ୟକ୍ଷମ କରିବା ନିମନ୍ତେ ସରକାର କଣ ପଦକ୍ଷେପ ନେଇଛନ୍ତି?

----

### ରାଜସ୍ୱ ଆୟ

4289 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାଜ୍ୟରେ କେଉଁ କେଉଁ ଖାଦ୍ୟ ସାମଗ୍ରୀ ବାହାର ରାଜ୍ୟ ତଥା ଦେଶରୁ ଆମଦାନି ଓ ରପ୍ତାନି ହୁଏ ଏହାଦ୍ୱାରା ବାର୍ଷିକ କେତେ ରାଜସ୍ୱ ଆଦାୟ କରାଯାଉଅଛି?

----

## ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ

4544 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାଜ୍ୟରେ ମୁଦ୍ରଣଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ ଓ ସବ୍‌ସିଡ୍ ଯୋଗାଇ ଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## କାଳିଆ ଯୋଜନା ବୃଦ୍ଧି କରିବା ପାଇଁ ପଦକ୍ଷେପ

5011 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କାଳିଆ ଯୋଜନାରେ ସମୁଦାୟ କେତେ ସଂଖ୍ୟକ ଚାଷୀ ଉପକୃତ ହେଉଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଏହି ଯୋଜନାରେ ମିଳୁଥିବା 4 ହଜାର ଟଙ୍କାର ଅର୍ଥରାଶି ବୃଦ୍ଧି କରିବାର କୌଣସି ପ୍ରସ୍ତାବ ଅଛି କି?

----

## ବିଦ୍ୟୁତ୍ ମୂଲ୍ୟକୁ ସୁଲଭ କରିବା

5012 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟୁତ୍ ମୂଲ୍ୟକୁ ସୁଲଭ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ୍ ନୀତି ଅନୁସାରେ ଟାରିଫ୍ ସବସିଡି ଉପଭୋକ୍ତାମାନଙ୍କୁ ଯୋଗାଇ ଦେବାକୁ ସରକାରଙ୍କ ବିଚାର ଅଛି କି ; ଯଦି ହଁ ତାହା କେବେ କାର୍ଯ୍ୟକାରୀ କରାଯିବ?

----

## Detected false ration card

5013 **Sofia Firdous (Barabati-cuttack):**

Will the Minister for **Food Supplies & Consumer Welfare** be pleased to state that:-:-

(a) The total number of false ration cards detected in Odisha to date and the actions taken to penalize the defaulters ; (b) What measures is the government implementing to regulate the issuance and verification of ration cards to prevent such occurrences in the future, including the frequency of audits or checks conducted?

----

## Electric transition from CESU to TPCODL

5014 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(a) What are the specific reasons behind the reported 25-30% hike in electricity tariffs following the transition from CESU to TPCODL, as raised by the citizens; (b) What is the exact percentage increase in electricity tariffs charged to consumers during the last year of CESU's operation compared to the current rates under TPCODL?

----

## PDS ମାଧ୍ୟମରେ ଖାଉଟି ସାମଗ୍ରୀ ଯୋଗାଣ

5015 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ PDS ମାଧ୍ୟମରେ କେଉଁ କେଉଁ ସାମଗ୍ରୀ ବର୍ତ୍ତମାନ କେତେ ମୂଲ୍ୟରେ ଖାଉଟିମାନଙ୍କୁ କେତେ ପରିମାଣର ଦିଆଯାଉଅଛି ; ଏହି ସାମଗ୍ରୀ ମଧ୍ୟରୁ କେଉଁଗୁଡିକ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେତେ ଭାଗ ବହନ କରୁଛନ୍ତି ତାର ସମସ୍ତ ବିବରଣୀ ସାମଗ୍ରୀୱାରୀ ପ୍ରଦାନ କରିବେ କି ; ଏବଂ (ଖ) ରାଜ୍ୟରେ ନିତ୍ୟାନ୍ତ ଖାଉଟି ଦ୍ରବ୍ୟଗୁଡିକ ଯଥା-ଚିନି, କିରୋସିନି, ଗହମ କେବେ ଠାରୁ ପିଡିଏସ୍ ମାଧ୍ୟମରେ ବନ୍ଦ କରାଯାଇଅଛି ଏବଂ ଆଗାମୀ ଦିନରେ ଏହି ସାମଗ୍ରୀଗୁଡିକ ପିଡିଏସ୍ ମାଧ୍ୟମରେ ଜନସାଧାରଣଙ୍କୁ ବଣ୍ଟନ କରାଯିବ ନା ନାହିଁ ନିର୍ଦ୍ଦିଷ୍ଟ ରୂପେ ଜଣାଇବା ସହ ଜନସାଧାରଣଙ୍କ ହିତପାଇଁ କେଉଁ ଖାଉଟି ଦ୍ରବ୍ୟଗୁଡିକ ସରକାରୀ ସ୍ତରରେ ଦିଆଯିବା ପାଇଁ ଯୋଜନା ରଖିଛନ୍ତି ତାହାର ସମସ୍ତ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବେ କି?

----

## PMEGP ମାଧ୍ୟମରେ ଋଣ ପ୍ରଦାନ

5016 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାର PMEGP ମାଧ୍ୟମରେ ବିଗତ 10 ବର୍ଷ ମଧ୍ୟରେ କେଉଁ ଜିଲ୍ଲାର କେଉଁ ବ୍ଲକ ଗୁଡିକରେ କେତେ ଯୁବକ/ଯୁବତୀମାନଙ୍କୁ କେଉଁ ସ୍କିମ୍ ମାଧ୍ୟମରେ କି କି ପ୍ରୋଜେକ୍ଟ କରିବା ପାଇଁ କେତେ ଅର୍ଥ ପ୍ରଦାନ କରିଛନ୍ତି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ଏବଂ ଏହି ବର୍ଷ ଗୁଡିକରେ କେତେ ହିତାଧିକାରୀ କେତେ ଋଣ ଫେରସ୍ତ କରିଛନ୍ତି ସେଗୁଡିକର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ; ଏବଂ (ଖ) ବ୍ଲକ୍ ଗୁଡିକରେ କାର୍ଯ୍ୟରତ କେଉଁ IPOମାନେ କେତେ ବର୍ଷ ଗୋଟିଏ ବ୍ଲକରେ କାର୍ଯ୍ୟକରି କେତେ ସଫଳତା ଆଣିଛନ୍ତି ତାହାର ଏକ ତାଲିକା ଦେବା ସହ ସେମାନଙ୍କର ବଦଳୀନୀତି କଣ ରହିଛି ଓ ଗୋଟିଏ ସ୍ଥାନରେ ଦୀର୍ଘଦିନ କାର୍ଯ୍ୟକରୁଥିବା IPOମାନଙ୍କୁ ବଦଳି ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି?

----

## ଖାଉଟିମାନଙ୍କୁ ରାସନ ସାମଗ୍ରୀ ଯୋଗାଣ

5017 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନୂଆକରି ଖାଉଟୀଙ୍କୁ ରାସନ ସାମଗ୍ରୀ ଯୋଗାଇଦେବା ପାଇଁ ସରକାର କେଉଁ ନୀତି ଅବଲମ୍ୱନ କରୁଛନ୍ତି ତାହା କଣ ଏବଂ ଏଥିଲାଗି କେଉଁ ସାମଗ୍ରୀ ଅନ୍ତର୍ଭୁକ୍ତ ହେଉଛି ?

----

## ପବନ ଚାଳିତ ବ୍ୟବସ୍ଥାରୁ ଶକ୍ତି ଉତ୍ପାଦନ

5018 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପରିବେଶକୁ ଦୃଷ୍ଟିଦେଇ ରାଜ୍ୟରେ ଶକ୍ତି ଉତ୍ପାଦନ ପାଇଁ ପବନ ଚାଳିତ ବ୍ୟବସ୍ଥାରେ ବୈଷୟିକ ଜ୍ଞାନ କୌଶଳକୁ ବିନିଯୋଗ କରିବାକୁ ସରକାରଙ୍କ ସିଦ୍ଧାନ୍ତ କ'ଣ ?

----

## ଖାଦ୍ୟ ଶସ୍ୟ ଉତ୍ପାଦନ ହାର ବୃଦ୍ଧି

5019 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନ ହାର କେତେ ପରିମାଣ ବୃଦ୍ଧି ହୋଇଛି, ରାଜ୍ୟର ବାର୍ଷିକ ଖାଦ୍ୟ ଶସ୍ୟର ପରିମାଣ କେତେ ରହିଛି, କେଉଁ କେଉଁ ଖାଦ୍ୟ ଶସ୍ୟ ବାହାର ରାଜ୍ୟ ତଥା ଦେଶକୁ ରପ୍ତାନୀ କରାଯାଉଛି, ସେହିପରି କେଉଁ କେଉଁ ଖାଦ୍ୟ ଶସ୍ୟ ବାର୍ଷିକ କେତେ ପରିମାଣର ଆମଦାନି କରାଯାଉଛି?

----

## ଓଜନ ଅନିୟମିତତାର ଚଢାଉ

5020 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୫ ବର୍ଷ ମଧ୍ୟରେ ଓଜନ ଅନିୟମିତା ଅଭିଯୋଗରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଉଛି, କେତେ ସଂଖ୍ୟକ ବ୍ୟବସାୟିକ ଅନୁଷ୍ଠାନରେ ଓଜନର ଅନିୟମିତତା ରହିଥିବା ଜଣାପଡିଛି, ସେମାନଙ୍କ ଏକ ତାଲିକା ପ୍ରଦାନ କରିବେ କି, ଓଜନର ଅନିୟମିତତା ଘଟଣା ପଦାକୁ ଆସିବା ପରେ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବିରୋଧରେ ଯୋଗାଣ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ସମବାୟ ବ୍ୟାଙ୍କରେ ଅନିୟମିତତା

5021 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ଷ୍ଟେଟ କୋ-ଅପରେଟିଭ ବ୍ୟାଙ୍କ ଏବଂ ଓଡ଼ିଶା କୋ-ଅପରେଟିଭ ହାଉସିଂ କର୍ପୋରେସନରେ ବ୍ୟାପକ ଆର୍ଥୀକ ଅନିୟମିତତା ହୋଇଥିବା ଘଟଣା ସତ୍ୟ କି,ଉଭୟ ସଂସ୍ଥାର କେତେ ପରିମାଣର ଅର୍ଥ ଆତ୍ମସାତ୍ ହୋଇଛି, ଏଥିପାଇଁ କେଉଁମାନେ ଦାୟୀ, ସରକାର ଏ ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ବିଦ୍ୟୁତ୍ ଶକ୍ତି ବାହାର ରାଜ୍ୟକୁ ବିକ୍ରି

5022 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ବିଦ୍ୟୁତ୍ କ୍ଷେତ୍ରରେ ସ୍ୱାବଲମ୍ବି ହେବା ସହ ରାଜ୍ୟ ବାହାରକୁ ବିଦ୍ୟୁତ୍ ବିକ୍ରି କରିବା ଲାଗି କୌଣସି ଯୋଜନା କରୁଛନ୍ତି କି, ଉତ୍ତର ହଁ ହୋଇଥିଲେ ସେ ସମ୍ପର୍କରେ ବିଶେଷ ତଥ୍ୟ ଦେବେ କି, ଗତ 5 ବର୍ଷରେ ଓଡ଼ିଶାରୁ କେତେ ବିଦ୍ୟୁତ୍ ଶକ୍ତି ବାହାର ରାଜ୍ୟ ଓ ବାୟ ସଂସ୍ଥାକୁ ପ୍ରତି ବର୍ଷ ବିକ୍ରି କରାଯାଇ କେତେ ଅର୍ଥ ମିଳିଛି ଓଏହି ସମୟରେ ଆଭ୍ୟନ୍ତରଣୀୟ ଚାହିଦା ଲାଗି କେତେ ବିଦ୍ୟୁତ୍ ଶକ୍ତି ଖରଦି କରାଯାଇଅଛି ?

----

## କୃଷକ ମାନଙ୍କର ଆୟ ବୃଦ୍ଧି

5023 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କୃଷକମାନଙ୍କର ହାରାହାରି ଆୟ କେତେ ଓ ତାହା ଜାତୀୟ ହାର ଏବଂ ଅନ୍ୟ ଜାତୀୟ ହାର ଏବଂ ଅନ୍ୟ ରାଜ୍ୟ ଗୁଡିକ ଠାରୁ କେତେ ଭିନ୍ନ ଏବଂ ଓଡିଶାର କୃଷକଙ୍କ ଆୟକୁ ବଢାଇବା ଲାଗି ରାଜ୍ୟ ସରକାର ବିଚାର କରୁଛନ୍ତି କି ଏବଂ ଉତ୍ତର ହଁ ହୋଇଥିଲେ ସେଦିଗରେ କି ଲକ୍ଷ୍ୟ ରଖାଯାଇଛି, ତାହାକୁ ସାକାର କରିବା ଲାଗି କି ଯୋଜନା କରାଯାଉଛି, ରାଜ୍ୟରେ ଜିଲ୍ଲାୱାରୀ କୃଷକ ମାନଙ୍କର ଆୟ କେତେ ?

----

## MSME ଦ୍ୱାରା ମହିଳାମାନେ ଉପକୃତ

5024 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଏହି ବିଭାଗରେ ଓଡ଼ିଶାର ମହିଳାମାନେ କିଭଳି ଉପକୃତ ହେଉଛନ୍ତି ଓ ଆଗାମୀ ଦିନରେ ଉପକୃତ ହୋଇ ସ୍ୱାବଲମ୍ବୀ ହେବାପାଇଁ କି ସୁଯୋଗ ସବୁ ଅଛି କହିବେ କି, ମହିଳାମାନେ ଏହି ବିଭାଗ ଦ୍ୱାରା କି କି କାମ ହାତକୁ ନେଇପାରିବେ, କି କି ପ୍ରକାର ସୁବିଧା ପାଇବେ ଓ ସୁବିଧା ପର୍ଯ୍ୟାପ୍ତ ପରିମାଣରେ ନା ସଂକ୍ଷିପ୍ତ ଭାବେ ପାଇବେ କହିବେ କି, ଏହି ବିଭାଗ ଦ୍ୱାରା ଆଜି ପର୍ଯ୍ୟନ୍ତ କେତେ ମହିଳା ଓଡ଼ିଶାରେ କି କି ପ୍ରକାର ସୁବିଧା ପାଇଛନ୍ତି ଓ ବିଶେଷକରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତେ ମହିଳା କି କି ପ୍ରକାର କାମ ଓ ସୁବିଧା ଏହି ବିଭାଗଦ୍ୱାରା ବ୍ୟବସ୍ଥା କରାଯାଇଛି ଉତ୍ତର ଦେବେ କି ?

----

## Sun Flower Oil ନିର୍ମାଣ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ

5025 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କେତେ କେତେ ଜଣ ହିତାଧିକାରୀ ରାସନ କାର୍ଡ଼ ପାଇଛନ୍ତି ଓ ସେମାନଙ୍କ ଭିତରୁ ସମୁଦାୟ କେତେ ଜଣ ଭୁତ ହିତାଧିକାରୀ ଅଛନ୍ତି ବୋଲି ନୂତନ ସରକାର ଚିହ୍ନଟ କରିଛନ୍ତି ଓ କେତେ ନୂତନ ହିତାଧିକାରୀଙ୍କୁ ରାସନକାର୍ଡ଼ ଦେବାପାଇଁ ଯୋଜନା କରିଛନ୍ତି ଉତ୍ତର ଦେବା ସହ ଭୂତ କାର୍ଡ଼ ମାନଙ୍କୁ କିପରି କେଉଁ Basis ରେ ଚିହ୍ନିଲେ କହିବେ କି ; ସେହିପରି ଓଡ଼ିଶାକୁ କେଉଁ କେଉଁ କମ୍ପାନିମାନେ କେତେ ପରିମାଣରେ ପାମ ଅଏଲ ,Sun Flower Oil ଓ ସୋୟା ତେଲ ପ୍ରତିବର୍ଷ ଯୋଗାଇଥାନ୍ତି ଓ ଏହିସବୁ ଖାଇବା ତେଲ ଓଡ଼ିଶାରେ ନିର୍ମାଣ ପାଇଁ ସରକାର ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବେ କି; ସେହିପରି ଆଗାମୀ ଖରିଫ ଧାନ ସଂଗ୍ରହ ସମୟରେ ମଣ୍ଡିରେ ଦଲାଲଙ୍କ ଉତ୍ପାତ , ମିଲରମାନଙ୍କ ଚଞ୍ଚକତା, ଠକେଇରୁ ଚାଷୀଙ୍କୁ ରକ୍ଷା କରିବା ଓ ଠିକ ସମୟରେ ଧାନ ଉଠିବା ନେଇ ସରକାର ସୁଚିନ୍ତିତ କରିବେ କି ?

----

## କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ

5026 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାର୍ଡ଼ ଫ୍ଲୁକୁ ରୋକିବା ପାଇଁ ସରକାର ହଜାର ହଜାର ସଂଖ୍ୟାରେ କୁକୁଡ଼ା ମାରିଦେଉଛନ୍ତି, ସେହିପରି ବିଭିନ୍ନ କାରଣରୁ ଘୁଷୁରୀ ମାରୁଛନ୍ତି ତେବେ କୁକୁଡ଼ାଚାଷୀ, ଛେଳି ଛାଷୀ ଓ ଘୁଷୁରୀ ପାଳକମାନେ ବଞ୍ଚିବେ କିପରି ; ପରିବାର ପ୍ରତିପୋଷଣ କିପରି କରିବେ ଏମାନଙ୍କୁ ସରକାର କ୍ଷତିପୂରଣ ଦେବେ କି; ସେହି ପରି ଗୋପାଳକମାନେ ଉଚିତ ମୂଲ୍ୟରେ ଦୁଗ୍ଧ ବିକ୍ରି କରପାରୁ ନଥିବାରୁ, ଗୋଖାଦ୍ୟ ବହୁ ରେଟ ହେଉଥିବାରୁ ବାଧ୍ୟ ହୋଇ ଗାଈଗୁଡ଼ିକ ଦଲାଲମାନଙ୍କୁ ବିକ୍ରି କରିଦେଉଛନ୍ତି ବୋଲି ସରକାର ଜାଣନ୍ତି କି; ଯଦି ହଁ ତେବେ ଗୋପାଳକ ମାନଙ୍କୁ ବିନା ଋଣରେ ଆର୍ଥିକ ପ୍ରୋତ୍ସାହନ ଦେବାସହ ଗୋରୁ ଚାଲାଣକୁ ବନ୍ଦ କରିବେ କି ?

----

## ଖାଦ୍ୟ ଯୋଗାଣ ଓ ଆବଶ୍ୟକତା ଥିବା ଚିନି

5027 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ବାର୍ଷିକ କେତେ ମେଟ୍ରିକ ଟନ ଚିନିର ଆବଶ୍ୟକତା ପଡୁଛି ; ଆମ ରାଜ୍ୟର କେଉଁ ଚିନି କଳରୁ କେତେ ମେଟ୍ରିକ ଟନ ଚିନି ବାର୍ଷିକ ଉତ୍ପାଦନ ହେଉଛି; କୃଷି ବିଭାଗର ସହଭାଗୀତାରେ ରାଜ୍ୟରେ ଆଖୁଚାଷ ବୃଦ୍ଧି ପାଇଁ ଖାଦ୍ୟ ଯୋଗାଣ ବିଭାଗର କିଛି କାର୍ଯ୍ୟଦକ୍ଷତା ରହିଛି କି ?

----

## Watershed ପ୍ରକଳ୍ପ ଦ୍ୱାରା ଅର୍ଥ ବ୍ୟୟ

5028 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗତ 5 ବର୍ଷ ମଧ୍ୟରେ Watershed ପ୍ରକଳ୍ପ ମାଧ୍ୟମରେ ବଡଚଣା ବ୍ଲକ ସହ ଯାଜପୁର ଜିଲ୍ଲାର କେଉଁ ବ୍ଲକଗୁଡିକରେ କେତେ ଅର୍ଥ ବ୍ୟୟରେ କେଉଁ ସବୁ ପ୍ରକଳ୍ପ ହାତକୁ ନିଆଯାଇଛି, ବଡଚଣା ବ୍ଲକରେ ଜମି ଅବକ୍ଷମ ରୋକିବା ଜମିର ଆଦ୍ରତା ବଜାୟ ରଖିବା, ଜମିର ଉର୍ବରତା ଓ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଭୂତଳ ଜଳସ୍ତର ବଢାଇବାରେ Watershed ପ୍ରକଳ୍ପ ସକ୍ଷମ ହୋଇଛି କି, ଯଦି ହଁ ତାହେଲେ ପ୍ରକଳ୍ପର ସଫଳତା ରିପୋର୍ଟ ପ୍ରଦାନ କରିବେ କି ?

----

## କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

5029 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହୋଇଥି୍ବା ବେଳେ ଏହା ମାଧ୍ୟମରେ କି କି ତାଲିମ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ସମ୍ପାଦନ ହୋଇଛି, ପ୍ରକାଶ କରି ପ୍ରତ୍ୟେକ ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରି ଏହାର ସମ୍ପ୍ରସାରିତ କୃଷକ ତାଲିମ ବ୍ୟବସ୍ଥା ସମ୍ପାଦନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଓମଫେଡ୍ ମାଧ୍ୟମରେ ଚାଷୀଙ୍କୁ ବୀମାଭୁକ୍ତ

5030 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଗତ ତିନି ବର୍ଷରେ ଓମଫେଡ୍ ପ୍ରତିଷ୍ଠାନ ଖର୍ଚ୍ଚ ବାଦ୍ ଦେଇ କେତେ ଲାଭ ବା କ୍ଷତି କରିଛି, ପ୍ରକାଶ କରି ଏହାକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଅଛି, (ଖ) ଓମଫେଡ୍ ମାଧ୍ୟମରେ ରାଜ୍ୟର ଦୁଗ୍ଧଚାଷୀମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଫସଲ ବୀମା ବାବଦରେ ସହାୟତା ପ୍ରଦାନ

5031 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ବନ୍ତ ଓ ଭଣ୍ଡାରୀପୋଖରୀ ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ କେତେ ଫସଲହାନୀ ହୋଇଥିବା ବେଳେ ଚାଷୀମାନଙ୍କୁ ଫସଲବୀମା ବାବଦରେ କେତେ ସହାୟତା ପ୍ରଦାନ କରାଯାଇଛି ?

----

## ଡାଲୁଅ ଧାନ ଚାଷ ନିମନ୍ତେ ପ୍ରୋତ୍ସାହିତ

5032 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ଭଦ୍ରକ ଜିଲ୍ଲାର କେଉଁ ବ୍ଲକରେ କେତେ ହେକ୍ଟର ଜମିରେ ଡାଲୁଅ ଧାନ ଚାଷ ହୋଇଥିବା ବେଳେ ଜିଲ୍ଲାରେ ଧାନ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ଡାଲୁଅ ଧାନ ଚାଷ ନିମନ୍ତେ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ସୌରଶକ୍ତି ଉତ୍ପାଦନ ଭିତ୍ତିଭୂମୀ ଉନ୍ନୟନ

5033 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାରେ ଘରୋଇ ବ୍ୟକ୍ତିଙ୍କ ଛାତରେ ଓ ସରକାରୀ କାର୍ଯ୍ୟାଳୟମାନଙ୍କରେ ସୌରଶକ୍ତି ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ମୃତ୍ତିକା କ୍ଷୟ ରୋକିବାକୁ ପଦକ୍ଷେପ

5034 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ବିଗତ ତିନି ବର୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ମୃତ୍ତିକା କ୍ଷୟ ରୋକିବାକୁ କେତେ ଅର୍ଥ ବିନିମୟରେ କେଉଁ କେଉଁଠାରେ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି, ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଉପଭୋକ୍ତାଙ୍କୁ ରନ୍ଧନ ଗ୍ୟାସ ଯୋଗାଣ

5035 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଦ୍ୟାବଧି ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକ ଅଧିନରେ କେଉଁ କମ୍ପାନୀର ରନ୍ଧନଗ୍ୟାସ ଯୋଗାଣ କେନ୍ଦ୍ର ଖୋଲାଯାଇଛି, ଉପଭୋକ୍ତାମାନଙ୍କୁ ଅବିଳମ୍ବେ ରନ୍ଧନଗ୍ୟାସ ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଛି ?

----

## ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ ଯୋଗାଣ

5036 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ସହରରେ ଭୂତଳ କେବୁଲ ମାଧ୍ୟମରେ ନିରନ୍ତର ବିଦ୍ୟୁତ ସରବରାହ ସୁବ୍ୟବସ୍ଥିତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ବିଭିନ୍ନ ଯୋଜନା ପାଇଁ ସବସିଡ଼ି ପ୍ରଦାନ

5037 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ଯୋଜନାରେ କେଉଁ କେଉଁ ହିତାଧିକାରୀ କି କି ପ୍ରକାର ସବସିଡ଼ି ପାଇଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଚଳିତ ଆର୍ଥିକ ବର୍ଷରେ କେଉଁ ଯୋଜନାରେ କେଉଁ ହିତାଧିକାରୀ କି ପ୍ରକାର ସବସିଡ଼ି ପାଇବା ଯୋଜନା ରଖାଯାଇଅଛି ?

----

## କୃଷି ଯନ୍ତ୍ରପାତି ଓ ବିହନ ଯୋଗାଣ

5038 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର କୃଷି କାର୍ଯ୍ୟାଳୟ ତରଫରୁ ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ କୃଷି ଯନ୍ତ୍ରପାତି ବିହନ ଏବଂ ଅନ୍ୟାନ୍ୟ କେଉଁ ସାମଗ୍ରୀ କେତେ ପରିମାଣରେ କେଉଁ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଅଛି ଚଳିତ ଆର୍ଥିକ ବର୍ଷରେ ଆଉ କେଉଁ କେଉଁ ସାମଗ୍ରୀ କେଉଁ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ?

----

## ମାଣ୍ଡିଆ ଚାଷୀଙ୍କୁ ଆକୃଷ୍ଟ କରିବା

5039 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାରେ କେଉଁ ବ୍ଲକରେ କେତେ ପରିମାଣ ଜମିରେ ମାଣ୍ଡିଆ ଚାଷ ହେଉଛି, ତାହାର ତିନି ବର୍ଷର ବିବରଣୀ ଦର୍ଶାଇ ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପନିପରିବା ଚାଷ ପାଇଁ ଅନୁମତି

5040 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜଟଣୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ଲୋକେ ବର୍ଷାଦିନିଆ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରିବା ସହ ରାଜଧାନୀ ଭୁବନେଶ୍ୱରକୁ ଶସ୍ତା ମୂଲ୍ୟରେ ପରିବା ଯୋଗାଇ ଆସୁଥିଲେ, ଜଙ୍ଗଲ ବିଭାଗର କଟକଣା ହେତୁ ଲୋକେ ଫସଲ ଚାଷ କରିବାରେ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ଚାଷୀମାନଙ୍କୁ ଉଜୁଡ଼ା ଜଙ୍ଗଲପରେ ପନିପରିବା ଚାଷ ପାଇଁ ଅନୁମତି ଦେବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ଜୈବିକ ଖତ ପ୍ରସ୍ତୁତ

5041 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ଜୈବିକ ଖତ ପ୍ରସ୍ତୁତି ମାଧ୍ୟମରେ ମହିଳାମାନଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଦେଶୀ ଗାଈ ପାଳନ ପାଇଁ ପ୍ରୋତ୍ସାହନ

5042 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେଶୀ ଗାଈ କ୍ଷୀର ସ୍ୱାସ୍ଥ୍ୟପକ୍ଷେ ଉପାଦେୟ ହୋଇଥିବାରୁ ରାଜ୍ୟରେ ଦେଶୀ ଗାଈ ପାଳନ ପାଇଁ ଦୁଗ୍ଧଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବାଲିମେଳା ପାୱାର ପ୍ଲାଣ୍ଟ ସମ୍ବନ୍ଧରେ

5043 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିମେଳା ପାୱାର ପ୍ଲାଣ୍ଟ ଏବଂ ରାଇସର୍ଭରେ ଜଳାଶୟ ନିର୍ମାଣ ସମୟରେ କେତେ ଆଦିବାସୀ ହରିଜନ ଓ ଅନ୍ୟାନ୍ୟ ବର୍ଗର ପରିବାର ବା କେତେ ସଂଖ୍ୟକ ଲୋକ ବିସ୍ଥାପିତ ହୋଇ ଥିଲେ, ବିସ୍ଥାପିତଙ୍କୁ ବ୍ୟବସ୍ଥା ନିମନ୍ତେ କଣ ଚୁକ୍ତିନାମା ଥିଲା, ସଂପୂର୍ଣ୍ଣ ବିବରଣୀ ଯୋଗାଇ ଦେବେ କି, ଚୁକ୍ତିନାମା ମୁତାବକ ସମସ୍ତ ବିସ୍ଥାପିତ ପରିବାରଙ୍କୁ ଥଇଥାନ ହୋଇଛି କି ନାହିଁ, ଯଦି ହୋଇଛି, କେଉଁ ମାନେ ବିସ୍ଥାପିତ ହୋଇ ଥିଲେ ; ସେମାନଙ୍କର ନାମ ଓ ଠିକଣା ସହ ବିବରଣୀ ଦେବେ କି ;(ଖ) ଉକ୍ତ ବହୁମୁଖି ପ୍ରକଳ୍ପ ଓ ରିଜର୍ଭରେ ସ୍ଥାନୀୟ କେତେ ଜଣ କୁଶଳୀ, ଅର୍ଣକୁଶଳୀ ଓ କର୍ମଚାରୀ ନିଯୁକ୍ତି ଦିଆଯାଇଥିଲା, 2024 ସୁଦ୍ଧା କେତେ ସ୍ଥାନୀୟ ବ୍ୟକ୍ତି ଉକ୍ତ ବହୁମୁଖି ପ୍ରକଳ୍ପ ଗୁଡିକରେ କର୍ମରତ ଅଛନ୍ତି, ତାଙ୍କର ନାମ, ଠିକଣା ଯୋଗାଇ ଦେବେ କି ଏବଂ ଉକ୍ତ ବହୁମୁଖି ପାୱାର ପ୍ଲାଣ୍ଟ/ ରିଜର୍ଭରେ ଲିଭ୍ ସ୍କାମ କେତେ ବର୍ଷ ଅଟେ, ଅଧିକ ବର୍ଷ ଜୀବନ୍ତ ଓ ସୁରକ୍ଷିତ ରଖିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଉକ୍ତ ବୃହଦ ବହୁମୁଖି ଜଳାଶୟ ଓ ପାୱାର ପ୍ଲାଣ୍ଟର security plan ଓ maintenance processor kan ରହିଛି ଏବଂ କେତୋଟି critical landslides ରହିଛି ?

----

## ଗରିବ କଲ୍ୟାଣ ଯୋଜନାରେ ଚାଉଳ ମିଳିବ

5044 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ୪ ଗୋଟି ବ୍ଲକରେ କେତେ ଜଣ ହିତାଧିକାରୀ କେନ୍ଦ୍ର ସରକାରଙ୍କ ଜରିଆରେ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ ପାଉଛନ୍ତି କିନ୍ତୁ ଅବଶିଷ୍ଟ ହିତାଧିକାରୀ ଅଦ୍ୟାବଧି ଉକ୍ତ ଯୋଜନାରୁ ବଞ୍ଚିତ ଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ୪ ଟି ବ୍ଲକରୁ ନୂତନ ଭାବେ ରାସନ୍ କାର୍ଡ ଦେବା ପାଇଁ ପଦକ୍ଷେପ ନେବେ କି ?

----

**Assessment of Biju Krushak Kalyan Yojana**

**5045** **Shri Sagar Charan Das (Bhawanipatna):**

Will the Minister for **Agriculture And Farmers' Empowerment** be pleased to state that:-:- Has the government conducted any impact assessment of the "Biju Krushak Kalyan Yojana" in the drought- prone areas of Western Odisha? If so, what were the findings? If not, what are the reasons?

----

**Construction of new godowns**

**5046** **Shri Sagar Charan Das (Bhawanipatna):**

Will the Minister for **Food Supplies & Consumer Welfare** be pleased to state that:-:- What is the current status of the construction of new godowns for food grain storage in the KBK region, and what percentage of these godowns are fully operational?

----

**କୃଷି ଭିତ୍ତିକ ଉତ୍ପାଦନ କ୍ଷମତା ହ୍ରାସ**

**5047** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପାରମ୍ପରିକ କୃଷି, ସ୍ୱଳ୍ପ ପରିମାଣ ପୁଞ୍ଜି ସଂଗ୍ରହ ଓ ନ୍ୟୁନତମ ପୁଞ୍ଜି ବିନିଯୋଗ, ଆବଶ୍ୟକତା ଠାରୁ କମ ଜଳସେଚନ ସୁବିଧା, ସ୍ୱଳ୍ପ ଜଳ ବ୍ୟବହାର ଦକ୍ଷତା ଏବଂ ଅଣ ଅର୍ଥନୈତିକ ଜମିର ଆକାର ଭଳି ବିଭିନ୍ନ କାରଣ ପାଇଁ ଓଡିଶାରେ କୃଷି ଭିତ୍ତିକ ଉତ୍ପାଦନ କ୍ଷମତା ହ୍ରାସ ହେଉଛି, ଏହି ବିଷୟରେ ସବିଶେଷ ତଥ୍ୟ ସରକାରଙ୍କ ନିକଟରେ ଅଛି କି ଏବଂ ଏହି ସମସ୍ୟାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ଧାନ ଉତ୍ପାଦନ ହାର ବୃଦ୍ଧି**

**5048** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ତିନିବର୍ଷ ମଧ୍ୟରେ ତଥା ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ କେତେ ପରିମାଣର ଧାନ ଉତ୍ପାଦନ ହୋଇଛି ଓ ଏକର ପ୍ରତି ଉତ୍ପାଦିତ ହାର କେତେ; ଏଥିସହିତ ଧାନ ଉତ୍ପାଦନ ହାର ବୃଦ୍ଧି ପାଇଁ ସରକାର ନେଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ଅବଗତ କରାଇବେ କି?

----

## (OSFDC) ସମବାୟ ଆଇନର ବିଧି ବ୍ୟବସ୍ଥା

5049 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଅର୍ଥ ଉନ୍ନୟନ ସମବାୟ ନିଗମ (OSFDC) ସମବାୟ ଆଇନର ବିଧି ବ୍ୟବସ୍ଥା ଅନୁଯାୟୀ ପଞ୍ଜିକରଣ ହୋଇଛି କି ନାହିଁ ? ଉକ୍ତ ନିଗମର ପରିଚାଳନା ପରିଷଦ ରାଜ୍ୟ ସମବାୟ ନିୟମ ଓ ରାଜ୍ୟ ସମବାୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଗଠିତ ହୋଇଛି କି ନାହିଁ ? ଯଦି ଏହା ସମବାୟ ଆଇନ ଅନୁଯାୟୀ ପଞ୍ଜିକରଣ ହୋଇଅଛି ତେବେ ଏହାର କାର୍ଯ୍ୟକାରୀତା ସମ୍ପର୍କରେ ରାଜ୍ୟ ସମବାୟ ନିବନ୍ଧକଙ୍କ ପାଖରେ ତଥ୍ୟ ଅଛି କି ? ରାଜ୍ୟ ସମବାୟ ନିବନ୍ଧକ ବିଗତ ପାଞ୍ଚ ବର୍ଷ ଭିତରେ ଏହି ନିଗମର କାର୍ଯ୍ୟକାରୀତା ସମ୍ପର୍କରେ ସମବାୟ ଆଇନର ଧାରା ୬୫ ଅନୁଯାୟୀ ତଦନ୍ତ କରିଛନ୍ତି କି ? ଯଦି କରିଛନ୍ତି ତେବେ ଉକ୍ତ ତଦନ୍ତ କେବେ କେବେ ହୋଇ ଥିଲା ଓ ଉକ୍ତ ତଦନ୍ତ ଅନୁଯାୟୀ ଉକ୍ତ ନିଗମ ବିଗତ ପାଞ୍ଚ ବର୍ଷରେ ପାଇ ଥିବା ଅର୍ଥର ସଠିକ୍ ବିନିଯୋଗ ହୋଇଛି କି ନାହିଁ ? ଯଦି ଉକ୍ତ ନିଗମ ପାଇ ଥିବା ଅର୍ଥର ବାଟମାରଣା ହୋଇ ଅଛି ତେବେ ରାଜ୍ୟ ସମବାୟ ନିବନ୍ଧକ କି ଆଇନ ଗତ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଗାଈ, ଛେଳି, କୁକୁଡ଼ା ଚାଷ ପାଇଁ ଋଣ ପ୍ରଦାନ

5050 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଳକର କେଉଁ ବ୍ଳକର କେତେ ଜଣଙ୍କୁ ଗାଈ, ଛେଳି, କୁକୁଡ଼ା ଏବଂ ମାଛ ଓ ଅନ୍ୟ ଚାଷ ପାଇଁ କେତେ ଟଙ୍କା ଲେଖାଏଁ ଋଣ ଦିଆ ଯାଇଛି ଓ ଏହା ଦ୍ୱାରା କେତେ ଜଣ ଆତ୍ମନିଯୁକ୍ତି ପାଇଛନ୍ତି, କେଉଁ ମାନଙ୍କର ବିଭିନ୍ନ କାରଣରୁ କ୍ଷତି ହୋଇଛି, ସେମାନଙ୍କ ଋଣ ଛାଡ଼ ପାଇ କଣ ପଦକ୍ଷେପ ଗ୍ରହଣ କରାଯାଉଛି ଜଣାଇବେ କି ?

----

## ବିଜୁଳି ବିଭ୍ରାଟ ସମସ୍ୟାର ସମାଧାନ

5051 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କନ୍ଧମାଳ ଜିଲ୍ଲାରେ ବାରମ୍ବାର ବିଜୁଳି ବିଭ୍ରାଟ ର କାରଣ ଭିତ୍ତିଭୂମିର ଅଭାବ ଏବଂ ଅବଶ୍ୟକୀୟା ମୁତାବକ କର୍ମଚାରୀ ନ ଥିବା ହେତୁ ବାରମ୍ବାର ବିଜୁଳି ବିଭ୍ରାଟ ହେଉଛି ଏବଂ ଠିକ ସମୟରେ ବିଜୁଳି supply restore କରାଯାଇ ପାରୁନାହିଁ, ବିଜୁଳି ବାରମ୍ବାର ବିଭ୍ରାଟ ଯୋଗୁଁ ବିଜୁଳି ଉପଭୋକ୍ତା ଅତିଷ୍ଠ ହେଉଛନ୍ତି, ଏଣୁ ବିଜୁଳି ବିଭ୍ରାଟ କୁ ରୋକିବା ଏବଂ ଠିକ୍ ଭାବରେ ବିଦ୍ୟୁତ ଯୋଗାଣ ପାଇଁ ପଦକ୍ଷେପ ନେବେ କି ?

----

## ରିହାତି ଦରରେ ବିଦ୍ୟୁତକରଣ

5052 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ କୃଷି, ଆନୁସଙ୍ଗିକ କୃଷି ଓ କୃଷି ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାପାଇଁ ରିହାତି ଦରରେ ବିଦ୍ୟୁତ ଯୋଗାଇ ଦେବାପାଇଁ କଣ ବ୍ୟବସ୍ଥା ଅଛି, ବିଗତ ତିନିବର୍ଷ ମଧ୍ୟରେ କେତେ ସଂଖ୍ୟକ ହିତାଧିକାରୀ ଏଥିରୁ କେତେଟଙ୍କା ରିହାତି ପାଇଛନ୍ତି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି

5053 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ମତ୍ସ୍ୟ ସମ୍ପଦର ବିକାଶ ପାଇଁ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଓ ମତ୍ସ୍ୟ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିବେ କହିବେ କି ; (ଖ) ବାଲେଶ୍ୱର ଜିଲ୍ଲା ପଶୁ ଚିକିତ୍ସା କେନ୍ଦ୍ରରେ କେଉଁ କେଉଁ ବିଭାଗ ପାଇଁ କେତେ ପଦବୀ ଖାଲି ପଡ଼ିଛି ?

----

## ଲୋ ଭୋଲଟେଜ୍ ସମସ୍ୟାର ସମାଧାନ

5054 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

(କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଲୋ ଭୋଲଟେଜ୍ ହେବାର କାରଣ କଣ ପରିଖି, ଗୋପିନାଥପୁର, କଷାଫଳ ସମେତ ପାହି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟର କାରଣ କଣ ଓ ଉକ୍ତ ସମସ୍ୟାକୁ ସମାଧାନ କରିବା ଦିଗରେ ବିଭାଗ କି ପଦକ୍ଷେପ ଗ୍ରହଣ କରିବେ ଏବଂ ୨୪/୨୫ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ ପାଇଁ ବିଭାଗ ତରଫରୁ କେତେ ଅର୍ଥ ବ୍ୟୟରେ କେଉଁ ସବୁ କାର୍ଯ୍ୟ ପାଇଁ ସ୍ଥିର ହୋଇଛି କହିବେ କି ; (ଖ) ଉକ୍ତ ଅଂଚଳର ମିରିଗାପାହି ଗ୍ରାମର କେତେକାଂଶ ଜାଗାରେ ଆଜି ଯାଏଁ ବିଦ୍ୟୁତ୍ କନେକ୍ସନ ନାହିଁ ତାହାର ସମାଧାନ ପାଇଁ ସରକାର କ'ଣ ପଦକ୍ଷେପ ନେବେ ?

----

## ସମବାୟ ସଂସ୍ଥାଦ୍ୱାରା ଧାନକିଣା

5055 **ଶ୍ରୀ ରୁପେଶ କୁମାର ପାଣିଗ୍ରାହୀ (ପାରଳାଖେମୁଣ୍ଡି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଗଜପତି ଜିଲ୍ଲାରେ ଥିବା ସେବା ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କୁ ଆବଶ୍ୟକ ସାର ଏବଂ ଅନ୍ୟାନ୍ୟ କୃଷି ସମ୍ବନ୍ଧୀୟ ଜିନିଷ ଯୋଗାଇ ଦିଆଯାଉନାହିଁ, ଯାହା ଫଳରେ କୃଷକମାନେ ଖୋଲା ବଜାରରୁ ଅଧିକା ଦରରେ ଏ ସମସ୍ତ ଜିନିଷ କିଣିବା ପାଇଁ ବାଧ୍ୟ ହେଉଛନ୍ତି, ଏହାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବେ କି ଏବଂ ଜିଲ୍ଲାରେ ଥିବା ଧାନମଣ୍ଡି ଗୁଡିକରେ ଟାର୍ଗେଟ ନାହିଁ ଦର୍ଶାଇ କୃଷକମାନଙ୍କଠାରୁ ଧାନ କିଣାଯାଉନାହିଁ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ କି ?

----

## ଚାଷୀଙ୍କୁ ଋଣ ପ୍ରଦାନ

5056 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଗଞ୍ଜାମ ଜିଲ୍ଲାର Co-operation Department ମାଧ୍ୟମରେ Co-operative Society ରୁ କେଉଁ କେଉଁ ଚାଷୀ ମାନଙ୍କୁ ଖରିଫ ଚାଷପାଇଁ 2014 ମସିହାରୁ ଆଜି ପର୍ଯ୍ୟନ୍ତ କେତେ ରୁଣ ପ୍ରଦାନ କରାଯାଇଛି ତାର ବ୍ଲକୱାରୀ, ପଞ୍ଚାୟତୱାରୀ ତାଲିକା ଦେବେ କି ଉକ୍ତ ଖରିଫ ଚାଷ ପାଇଁ ଆସିଥିବା ଋଣ ଚାଷୀମାନଙ୍କୁ ଦିଆନ ଯାଇ ଏହା Co-operative Society ମାନଙ୍କ ଦ୍ୱାରା ହରିଲୁଟ ହୋଇଥିବା କଥା ସରକାର ଜାଣନ୍ତି କି ?

----

## ଆସ୍କା ଚିନିକଳ କାର୍ଯ୍ୟ ମନ୍ଥର ଗତିରେ ହେବା

5057 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଥିବା ପୁରାତନ ଚିନିକଳର ଆବଶ୍ୟକ ରକ୍ଷଣାବେକ୍ଷଣ, ଆଧୁନିକି ଯନ୍ତ୍ରପାତି ଉପକରଣ ବ୍ୟବହାର କରି ଏହାର ଆଧୁନିକିକରଣ ପାଇଁ ସରକାର ପଦକ୍ଷେପ ନେବା ସହ ଏହା ଉପରେ ନିର୍ଭର କରୁଥିବା ଶହ ଶହ ସଂଖ୍ୟାରେ ଆଖୁ ଚାଷୀ ମାନଙ୍କ ଜୀବନ ଜୀବିକା ସୁରକ୍ଷା ପ୍ରତି ସରକାର ଦୃଷ୍ଟିଦେବେ କି, ପୁରୁଣା ଚିନି କଳରେ କାର୍ଯ୍ୟ ମନ୍ଥର ହେଉଥିବା ଯୋଗୁଁ ନୂତନ ଯନ୍ତ୍ରପାତି ଏବଂ ଜ୍ଞାନ କୌଶଳ ବ୍ୟବହାର କରି ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବେ କି ?

----

## Transformer ଗୁଡିକୁ ଅଧିକ କ୍ଷମତା ସମ୍ପନ୍ନ ସ୍ଥାପନ

5058 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗାଁ ଗହଳି ମାନଙ୍କରେ ଖରାଦିନେ, ବର୍ଷାଦିନେ ବାରମ୍ବାର Low voltage ଓ ଦୁର୍ବଳ Transformer ପାଇଁ ବାରମ୍ବାର ବିଦ୍ୟୁତ୍ କାଟ ସହ ବେଳେ ବେଳେ 2 ରୁ 3 ଦିନ ପର୍ଯ୍ୟନ୍ତ ଜନସାଧାରଣ ଅନ୍ଧାରରେ ରହିବା ଅବଗତ ଅଛନ୍ତି କି, ଏଥିପ୍ରତି ଗ୍ରାମାଞ୍ଚଳ ମାନଙ୍କରେ ବସିଥିବା Transformer ଗୁଡିକ ଅଧିକ କ୍ଷମତା ସମ୍ପନ୍ନ ଓ ଉନ୍ନତ ଧରଣର ସ୍ଥାପନ କରିବାପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ନୂତନ ଧାନ ବିହନ ଆବିଷ୍କାର

5059 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ବିଗତ ପାଞ୍ଚ ବର୍ଷରେ କେତେଗୋଟି ନୂତନ ଧାନ ବିହନ ଆବିଷ୍କାର କରାଯାଇଛି, ପ୍ରକାଶ କରି ରାଜ୍ୟରେ ଅଧିକ ଅମଳକ୍ଷମ ଧାନବିହନ ଆବିଷ୍କାର ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଭିଯୋଗ ଉପରେ ନିରାକରଣ

5060 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭାରତୀୟ ଖାଦ୍ୟ ନିଗମ ତରଫରୁ ପ୍ରଦତ୍ତ ଖାଦ୍ୟ ସାମଗ୍ରୀ ପ୍ୟାକେଟରେ କମ ସାମଗ୍ରୀ ରହୁଥିବା ଅଭିଯୋଗ ପରିପ୍ରେକ୍ଷୀରେ ଏହାର ନିରାକରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## OMFED କୁ କେନ୍ଦ୍ର ଠାରୁ ମିଳିଥିବା ଅନୁଦାନ

5061 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) OMFED ର DBT -Direct Benefit Transfer System ଏବଂ ERP କାହିଁକି ଚାଲୁ ହୋଇନାହିଁ ଏବଂ କେବେ ଚାଲୁହେବ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ସବିଶେଷ ତଥ୍ୟ ପ୍ରଦନ କରିବେ କି, (ଖ)OMFED କୁ ଭାରତ ସରକାରଙ୍କ ଠାରୁ କେଉଁ ଯୋଜନାରେ କେତେ ଟଙ୍କା 2024 ମସିହାରୁ 2024 ମସିହା ପର୍ଯ୍ୟନ୍ତ ଆସିଅଛି ଏବଂ ତାହା କେଉଁ ଯୋଜନାରେ ଖର୍ଚ୍ଚ ହୋଇଅଛି ତାହାର UC-utilization Certificate କେବେ କେବେ ଦିଆଯାଇଅଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଯୁବପିଢିଙ୍କୁ କୃଷି ପ୍ରତି ଆକୃଷ୍ଟ

5062 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କୃଷିର ଆଧୁନିକ ଟେକ୍ନୋଲୋଜି ଏବଂ ଯୁବପିଢିଙ୍କୁ କୃଷି ଆଡକୁ ଆକୃଷ୍ଟ କରିବା ପାଇଁ ରାଜ୍ୟର ସମସ୍ତ ସବ-ଡିଭିଜନଗୁଡିକରେ ଗୋଟିଏ ଗୋଟିଏ ଆଗ୍ରୋ ପଲିଟେକନିକ ସଂସ୍ଥା ସରକାରଙ୍କ ତରଫରୁ କିମ୍ବା ବେସରକାରୀ (ନିଜସ୍ୱ ପାଣ୍ଠି ଶିକ୍ଷା ସଂସ୍ଥାନ ଯୋଜନା) ମାଧ୍ୟମରେ ଖୋଲିବାର ଯୋଜନା କରିବେ କି ?

----

## ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

5063 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବର୍ତ୍ତମାନ ରାଜ୍ୟରେ କେତେ ମେଗାୱାଟ୍ ସୌରଶକ୍ତି କେଉଁ ଉପାୟରେ ଉତ୍ପାଦନ ହେଉଛି ଓ ଏହାର ଉତ୍ପାଦନ ବୃଦ୍ଧି ଲାଗି କଣ କରୁଛନ୍ତି, ରାଜ୍ୟରେ ଆବଶ୍ୟକ ପରିମାଣର ବିଜୁଳି ଶକ୍ତିର 50% ସୌର ଶକ୍ତିକୁ ଉତ୍ପାଦନ କରିବା ପାଇଁ ବ୍ୟବସ୍ଥା କରିବେ କି, ସୌରଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବାବେଳେ ପିଏମ୍ ସୁର୍ଯ୍ୟୋଘର ଯୋଜନାରେ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଓ ପ୍ରତ୍ୟେକ ପରିବାରକୁ ସୌରଶକ୍ତି ଉତ୍ପାଦନ ପାଇଁ ଟ୍ରେନିଂ (Training) Technical support, ଆର୍ଥିକ ସହାୟତା ଯୋଗାଇବାର ବ୍ୟବସ୍ଥା କରିବେ କି, ଗ୍ରାମାଞ୍ଚଳରେ ରହୁଥିବା ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କୁ ସୌରଶକ୍ତି ଉତ୍ପାଦନ ପାଇଁ ଟ୍ରେନିଂ ଦେବା ଅକ୍ଷୟ ଶକ୍ତି - ୨୦୨୨ ର ସୁପରିଚାଳନାକୁ ଆଗେଇ ନେବେ କି ?

----

## O.U.A.T ରୁ Diploma ପାଶଧାରୀ

5064 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

O.U.A.T ରୁ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଛାତ୍ର ଛାତ୍ରୀ Diploma ର ବିଭିନ୍ନ ବିଭାଗରୁ ପାସ କରିଛନ୍ତି ତାର ବିଭାଗୱାରୀ ଏବଂ ବର୍ଷୱାରୀ ତାଲିକା ଦେବା ସହିତ ଏଠାରୁ Diploma ରୁ Pass କରିଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ କେତେ ଛାତ୍ର ଛାତ୍ରୀଙ୍କୁ ସରକାର କେଉଁ କେଉଁ ଠାରେ ନିଯୁକ୍ତି ଦେଇଛନ୍ତି ତାର ବର୍ଷୱାରୀ ତାଲିକା ଦେବା ସହ ଆଜି ପର୍ଯ୍ୟନ୍ତ କେତେ ଛାତ୍ର ଛାତ୍ରୀ Diploma pass କରି ଏପର୍ଯ୍ୟନ୍ତ ଚାକିରି ପାଇନାହାଁନ୍ତି ତାର ସମସ୍ତ ତାଲିକା ଦେବେ କି, ଚାକିରି ପାଇ ନଥିବା ଛାତ୍ର ଛାତ୍ରୀଙ୍କୁ କେବେ ସୁଦ୍ଧା ନିଯୁକ୍ତି ଦେବେ ?

----

## ବିଦ୍ୟୁତ୍ ସଂଯୋଗାଣ

5065 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଅନେକ ଗ୍ରାମବାସୀ ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଦେଖିବାକୁ ସୁଯୋଗ ପାଉନଥିବାର ସେମାନଙ୍କୁ ଅତିଶୀଘ୍ର ବିଦ୍ୟୁତ୍ ସଂଯୋଗ ଦେବେ କି ; ବିଶେଷ କରି ତେନ୍ତୁଳିପଦର, ବିଜାଘାଟି, ଲଙ୍ଗଲବେଡା ଓ ବାରଣୀ ପଞ୍ଚାୟତର ସବୁ ଗ୍ରାମକୁ ବିଜୁଳି ସଂଯୋଗ ଦେଶ ସ୍ୱାଧିନତା 76 ବର୍ଷ ପରେ ମଧ୍ୟ ଦିଆଯାଇନଥିବାରୁ ସରକାର ସହୃଦୟତାର ବିଚାର କରିବେ କି ; ସେହିପରି PM Sunyoghar ଯୋଜନାରେ ଗରୀବ ଦଳିତ ଓ ଆଦିବାସୀ ପରିବାରକୁ ମାଗଣାରେ ସୌରଶକ୍ତି ଉତ୍ପାଦନ ପାଇଁ Solar system ଯୋଗାଇବାକୁ ସହଯୋଗ କରିବେ କି?

----

## ISRO ଉପରେ ତଥ୍ୟ ପ୍ରଦାନ

5066 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାର ପ୍ରତି ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ଦେଶର ବୈଜ୍ଞାନିକମାନଙ୍କ ଦ୍ୱାରା ନିର୍ମିତ ଓ ଗବେଷଣା ଚାଲୁଥିବା ମହାକାଶ ଉପରେ ଜ୍ଞାନ ଦେବାକୁ ବ୍ୟବସ୍ଥା କରିବେ କି ; ମହାକାଶଚାରୀ, ମହାକାଶ ଯାନ, ମଙ୍ଗଳ ଗ୍ରହ, ଚନ୍ଦ୍ର ପୃଷ୍ଠରେ ମଣିଷର ଅବତରଣ, ଚନ୍ଦ୍ରଯାନ 2 ଓ 3ର ପ୍ରେରଣ, ସୂର୍ଯ୍ୟଯାନ ପାଇଁ ପ୍ରସ୍ତୁତି, ମହାକାଶ ଉପରେ ଗବେଷଣା ତଥ୍ୟ ଉପରେ ଜ୍ଞାନ ଦେବା ସହ ପିଲାମାନଙ୍କ ଉପରେ ଆଗ୍ରହ ସୃଷ୍ଟିକରିବା ପାଇଁ ଓ ISRO ଉପରେ ତଥ୍ୟ ଜାଣିବା ପାଇଁ ପଦକ୍ଷେପ ନେବେ କି?

----

## କଞ୍ଚାମାଲ ଯୋଗାଣ

5067 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କଂସା, ପିତ୍ତଳ କାରିଗର କେତେ ଅଛନ୍ତି ସେମାନଙ୍କର ସ୍ଥିତି କଣ ; ସେମାନଙ୍କର କୌଳିକ ବୃତ୍ତିକୁ ବଜାୟ ରଖିବା ପାଇଁ ସରକାରୀ ପ୍ରୋତ୍ସାହନ କଣ ଅଛି ; ସେହିପରି ରୂପାର ତାରକସି କାମ, କମାର ଶାଳରେ ନିର୍ମିତ ହେଉଥିବା କାମ, ମାଟି ଶିଳ୍ପି, ପଥର ଶିଳ୍ପିମାନଙ୍କ ଭବିଷ୍ୟତ କଣ, ସେମାନଙ୍କ ସାମାଜିକ ସୁରକ୍ଷା ଓ ଭବିଷ୍ୟତ ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ; ସେହିପରି ଛୋଟ ଛୋଟ ବୁଣାକାରମାନଙ୍କ ଭବିଷ୍ୟତ ଅନିଶ୍ଚିତ ଥିବା ପରିପ୍ରେକ୍ଷୀରେ ସରକାର ରାଜ୍ୟର ସମସ୍ତ ହସ୍ତଶିଳ୍ପି, ବୟନଶିଳ୍ପି ଓ କାରିଗରମାନଙ୍କୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ କରାଇବା ସହ ବିନା ସୁଧରେ ବ୍ୟାଙ୍କ ଋଣ ମାଗଣାରେ କଞ୍ଚାମାଲ ଯୋଗାଣ, ସ୍ୱାସ୍ଥ୍ୟ ବୀମା, ମାସିକ ଭତ୍ତା ଇତ୍ୟାଦି ବ୍ୟବସ୍ଥା ଯୋଗାଇ ଦେବେ କି?

----

## କୃଷି ସମୃଦ୍ଧି କେନ୍ଦ୍ର ସ୍ଥାପନ

5068 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କୃଷକ ଅନୁକୂଳ ନୀତି କଣ ଅଛି ; ଚାଷୀମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ତୈଳବୀଜ, ପନିପରିବା, ଛତୁ, ଫୁଲ, ଫଳ ମାଛ ଅଣ୍ଡା ଆଦି ଚାଷ କରିବା ପାଇଁ ଆବଶ୍ୟକ ଜ୍ଞାନକୌଶଳ ଓ ପ୍ରୋତ୍ସାହନ କରିବେ କି ; କୃଷିଜାତ ସାମଗ୍ରୀ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା, ମଣ୍ଡିର ସୁଧାର ବ୍ୟବସ୍ଥା, ମଣ୍ଡି ଭିତ୍ତିଭୂମି ସୁଦୃଢ ପାଇଁ ସରକାର କଣ କରୁଛନ୍ତି ; ବିଶେଷ କରି ଆଳୁ, ପିଆଜରେ ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ କଣ ; ରାଜ୍ୟରେ ପି ଏମ୍ କିଷାନ୍, ସି ଏମ୍ କିଷାନ୍ ଓ ପି ଏମ୍ ଫସଲ ବୀମା ଯୋଜନାରେ ସବୁ ଚାଷୀ ଓ ଭାଗଚାଷୀଙ୍କୁ ଯୋଡିବା ପାଇଁ ସବୁ ବ୍ଲକରେ କୃଷି ସମୃଦ୍ଧି କେନ୍ଦ୍ର ସ୍ଥାପନ, ଚାଷୀ ଓ ଭାଗଚାଷୀ ମାନଙ୍କ ପିଲାଙ୍କ ପାଠ ପଢିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ କୃଷି ଦୟାନିଧି ଯୋଜନାରେ ସାମିଲ କରିବା ମଣ୍ଡିରେ ବସୁଧା କେନ୍ଦ୍ର ସ୍ଥାପନ, ବା ନାମ ମାଧ୍ୟମରେ ମଣ୍ଡିର ଖବର ଜାଣିବା ବ୍ୟବସ୍ଥା କରିବେ କି ଏବଂ ଓଡିଶା ଜୈବିକ କୃଷି ମିଶନ ଓ ଶ୍ରୀ ଅନ୍ନ ଯୋଜନା କଣ?

----

## ମହିଳାଙ୍କୁ ସ୍ୱାବଲମ୍ବି କରିବାକୁ ପଦକ୍ଷେପ

5069 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରେ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ଅଦ୍ୟାବଧି ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଅକ୍ଷୟ ଶକ୍ତି ବିକାଶ

5070 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଶୁଖୁଆ ଉତ୍ପାଦନ

5071 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରୁ ବାର୍ଷିକ କେତେ ଶୁଖୁଆ ଉତ୍ପାଦିତ ହେଉଛି ପ୍ରକାଶ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶୁଖୁଆ ପ୍ରସ୍ତୁତି ଓ ବ୍ୟବସାୟ ନିମନ୍ତେ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଖଦୀ ସଂସ୍ଥାକୁ ପ୍ରୋତ୍ସାହନ

5072 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର କେଉଁ କେଉଁ ଅନୁଷ୍ଠାନ ଖଦୀ ବସ୍ତ୍ର ପ୍ରସ୍ତୁତ କରୁଛି ଏହି ସଂସ୍ଥାଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜୈବିକ ଖତ ପ୍ରସ୍ତୁତି

5073 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସତ୍ୟବାଦୀ ଓ କଣାସ ବ୍ଲକ ସହ ପୁରୀ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜୈବିକ ଖତ ପ୍ରସ୍ତୁତ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଋଣ ପ୍ରଦାନ

5074 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥାରେ କୃଷି ନୀତି ଅନୁଯାୟୀ କେଉଁ କେଉଁ ହିତାଧିକାରୀଙ୍କୁ ନଳକୂପ ଖନନ, କୃଷି ଯନ୍ତ୍ରପାତି ଓ ଉପକରଣ ଯୋଗାଣ, କୃଷି ଉଦ୍ୟାନ ସୃଷ୍ଟି, ସମନ୍ୱିତ କୃଷି ନିମନ୍ତେ କେତେ ଋଣ ଓ ସବସିଡ୍ ପ୍ରଦାନ କରାଯାଇଛି?

----

## କର୍ମ ନିୟୋଜନ ନିମନ୍ତେ ପଦକ୍ଷେପ

5075 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପଥର ମୂର୍ତ୍ତି ଗୁଡିକର ବଜାର ବ୍ୟବସ୍ଥା

5076 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାରେ କେତେଜଣ ପ୍ରସ୍ତର କାରିଗର ପଥର ମୂର୍ତ୍ତି ତିଆରି ମାଧ୍ୟମରେ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ଓ ସେମାନେ ନିର୍ମାଣ କରୁଥିବା ପଥର ମୂର୍ତ୍ତି ଗୁଡିକର ବଜାର ବ୍ୟବସ୍ଥା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ରିଟେଲର ନିୟୋଜନ

5077 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାରେ କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଟେଲର ନିୟୋଜନ କରାଯାଇଛି ଓ ସେମାନେ ଏହି କାର୍ଯ୍ୟ କିପରି ସମ୍ପାଦନ କରୁଛନ୍ତି ପ୍ରକାଶ କରି ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରିଟେଲର ଭାବେ ନିୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## କପା ଚାଷୀଙ୍କୁ ପ୍ରୋତ୍ସାହନ

5078 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ଜମିରେ କପାଚାଷ ହୋଇଥିବା ବେଳେ କେତେ କପା ଉତ୍ପାଦିତ ହୋଇଛି ଓ ଏହି କପା ବିକ୍ରୟ ପାଇଁ କି ପଦକ୍ଷେପ ନିଆଯାଇଛି ; ରାଜ୍ୟରେ କପା ଚାଷୀମାନେ ଉତ୍ପାଦିତ କପାର ଉଚିତ୍ ମୂଲ୍ୟ ପାଉନଥିବାରୁ କପାଚାଷ ପ୍ରତି ବିମୁଖ ହେଉଥିବା ସମ୍ପର୍କରେ ସରକାର ସଚେତନ କି ; ଉତ୍ତର ହଁ ହେଲେ କପାଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## ସହାୟତା ରାଶିର ବିବରଣୀ ପ୍ରଦାନ

5079 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଡଚଣା ବ୍ଲକର PACS ଗୁଡିକରେ ବିହନ, ସାର ଓ କୀଟନାଶକ ଅନୁବନ୍ଧିତ ଚାଷୀମାନଙ୍କୁ ଦିଆଯାଉଛି କି ; ଯଦି ପ୍ରଦାନ ହେଉଛି ଗତ 5ଟି ଖରିଫ୍ ଓ ରବି ବର୍ଷରେ କେତେ ଚାଷୀଙ୍କୁ ଏସବୁ ପ୍ରଦାନ ହୋଇଛି ସେମାନଙ୍କର ନାଁ, PACS ୱାରୀ(ଗାଁୱାରୀ) ପ୍ରଦାନ କରିବେ କି ; ସରକାରୀ ସମସ୍ତ ସହାୟତା, ବଡଚଣାର ଚାଷୀଙ୍କୁ ପ୍ରଦାନ ହେଉଥିବା ତଥ୍ୟ ଉପଲବଧ କରାଇବେ କି?

----

## ମଧୁର ମାଛ ଚାଷ ଉତ୍ପାଦନ ବୃଦ୍ଧି

5080 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ବର୍ତ୍ତମାନ ବର୍ଷକୁ କେତେ ମଧୁର ମାଛ(କ୍ୱିଣ୍ଟାଲ) ଉତ୍ପାଦନ ହେଉଛି ସେ ସବୁର ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି ; (ଖ) ମଧୁର ମାଛ ଉତ୍ପାଦନ ବୃଦ୍ଧି ପାଇଁ ଅବଲୁପ୍ତ ନଦୀ (Dead River) ଗୁଡିକୁ ବ୍ୟବହାର କରିବା ନିମନ୍ତେ ସରକାରଙ୍କର କିଛି ପଦକ୍ଷେପ ନେବେ କି?

----

## ତୈଳବୀଜ ଚାଷକୁ ଗୁରୁତ୍ୱ

5081 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବାର୍ଷିକ ବିଭିନ୍ନ ଡାଲିର ଆବଶ୍ୟକତା କେତେ, ବର୍ତ୍ତମାନ ଓଡ଼ିଶାରେ ବର୍ଷକୁ କେତେ; ବିଭିନ୍ନ ଡାଲି ଉତ୍ପାଦନ ହେଉଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ରାଜ୍ୟର ଡାଲିର ଆବଶ୍ୟକତା ମେଣ୍ଟାଇବାକୁ ଅଣ-ଜଳସେଚିତ ଜମିରେ ତୈଳବୀଜ ଚାଷକୁ ଗୁରୁତ୍ୱ ଦେବାକୁ ସରକାର ପଦକ୍ଷେପ ନେବେ କି ?

----

## ସବସିଡି ପ୍ରଦାନ

5082 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଗୁଆ ଆଖୁ ଚାଷ କରିବା ଏବଂ ଉତ୍ପାଦନ ବଢାଇବା ପାଇଁ ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ସବସିଡି ପ୍ରଦାନ କରାଯାଏ କି, ଯଦି ହଁ, ତେବେ ଗତ ୩ ବର୍ଷରେ ବଡଚଣା ବ୍ଲକ ଏବଂ ଅନ୍ୟ ଜିଲ୍ଲାର କେତେ ଆଖୁ ଚାଷୀଙ୍କୁ କେତେଅର୍ଥ ସବସିଡି ଆକାରରେ ପ୍ରଦାନ କରାଯାଇଛି ?

----

## RMC ଗୁଡିକୁ ଲାଭ ଜନକ କରିବାକୁ ପଦକ୍ଷେପ

5083 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଯାଜପୁର ଜିଲ୍ଲାରେ କେତୋଟି RMC ରହିଛି, ପ୍ରତ୍ୟେକ RMC ର ଜମି, ଗୋଦାମ ଗୃହ, ଦୋକାନ ଘର ଓ ହାଟ ପିଣ୍ଡିର ତଥ୍ୟ RMC ୱାରୀ ପ୍ରଦାନ କରିବେ କି, ଏବଂ RMC ଗୁଡିକ ଆୟ ଏବଂ ସେଥିରେ ଥିବା ଭିତ୍ତିଭୂମିର ବିକାଶ ନିମନ୍ତେ ସରକାରଙ୍କ ଗତ 5ବର୍ଷର ବ୍ୟୟର ତଥ୍ୟ RMC ୱାରୀ ପ୍ରଦାନ କରିବେ କି, (ଖ) RMC ର ଅବ୍ୟବହୃତ ଜମିର ତଥ୍ୟ RMC ୱାରୀ ଦେବେ କି, ସେହି ଜମିର ସଦୁପଯୋଗ କରି RMC ଗୁଡିକୁ ଲାଭଜନକ କରିବା ଲକ୍ଷ୍ୟ ନେଇ PPP ମୋଡକୁ ଗ୍ରହଣ କରିବାକୁ ସରକାର କିଛି ଯୋଜନା ରଖିଛନ୍ତି କି ?

----

## ମାଛ ଉତ୍ପାଦନ ପରିମାଣ

5084 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାକୁ ଆନ୍ଧ୍ରରୁ କେତେଟନ୍ କେଉଁ କେଉଁ ମାଛ ଆସୁଛି ଓ କେଉଁ କେଉଁ ଅଞ୍ଚଳରୁ ଓଡିଶା ଭିତରୁ କେତେ ମାଛ କି କି ମାଛ ଉତ୍ପାଦନ ହେଉଛି ଉତ୍ତର ଦେବେ କି, ଓଡ଼ିଶାରେ ଦୈନିକ ମାଛର ଚାହିଦା କେତେ ଅଛି ?

----

## ଖାଦ୍ୟ ପ୍ରକ୍ରିୟାକରଣ

5085 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଖାଦ୍ୟ ପ୍ରକ୍ରିୟାକରଣ କି କି ଶିଳ୍ପ, ତେଲ ଉତ୍ପାଦନ (ଖାଇବା ତେଲ) ଉତ୍ପାଦନ ପାଇଁ କେଉଁଠି କଣ ହୋଇଛି ଓ ଜଙ୍ଗଲଜାତ ଦ୍ରବ୍ୟର processing ପାଇଁ କି କି ଶିଳ୍ପ କରିଛନ୍ତି ଓ କେଉଁ କେଉଁ ସ୍ଥାନରେ ହୋଇଛି ?

----

## ବକେୟା ପ୍ରାପ୍ୟ ପ୍ରଦାନ

5086 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭିନ୍ନ କେନ୍ଦ୍ର ସମବାୟ ବ୍ୟାଙ୍କ ମାନଙ୍କରେ ଅବସର ପରେ କର୍ମଚାରୀମାନଙ୍କ ଗ୍ରାଚ୍ୟୁଇଟି ପାଇବାକୁ ଛୁଟି ଦରମା ଓ ଗୃହବୀମା ପାଇିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ , ଏଥିପ୍ରତି ଦୃଷ୍ଟିଦେବା ସହ ନ୍ୟାୟ ପ୍ରଦାନ କରିବେ କି, ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ଅଟକାଇବା ପାଇଁ ବିଭିନ୍ନ ଆଳ ଦେଖାଇ ଆସୁଥିବା ଅଫିସର ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## Food Inspector ପଦବୀ ପୂରଣ

5087 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେତେ ଜଣ Food Inspector ଅଛନ୍ତି ଓ କେତେ ପଦ ଖାଲିଅଛି, ଚାରିଆଡେ ଭେଜାଲ, ଅପମିଶ୍ରଣ ଓ ମାପ ଓଜନରେ ଘୋଟାଲା ଓ ହୋଟେଲରେ ବିକ୍ରି ଖାଦ୍ୟର ମାନ ନିରୁପଣ ଓ ଠକେଇ ହେଉଥିବା point ରେ check ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ସରକାରଙ୍କ ଉତ୍ପାଦିତ ସାମଗ୍ରିର ବଜାର ବ୍ୟବସ୍ଥା

5088 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ବୁଣାକାର ମାନଙ୍କ ସର୍ବାଙ୍ଗିନ ଉନ୍ନତି ପାଇଂ ବୁଣାକାର ମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବଜାର ବ୍ୟବସ୍ଥା ପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ପାଇଁ କି କି ବ୍ୟବସ୍ଥା କରିଛନ୍ତି ଉତ୍ତର ଦେବେ କି ?

----

## ନୂତନ ବିହନ ଆବିଷ୍କାର

5089 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ବିଗତ ପାଞ୍ଚ ବର୍ଷରେ କେଉଁ କେଉଁ ଫସଲର କେତେଗୋଟି ନୂତନ ବିହନ ଆବିଷ୍କାର କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି?

----

## ଜଳ ବିଦ୍ୟୁତ୍ ଉତ୍ପାଦନ

5090 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କଟକ ଜିଲ୍ଲାରେ ଥିବା କ୍ଷୁଦ୍ର ଝରଣା ଓ କେନାଲରେ ଜଳ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କର ଲାଭ କ୍ଷତି

5091 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ କେତେ ଜମାରାଶି ସଂଗ୍ରହ, ଋଣ ଲଗାଣ, ଋଣ ଆଦାୟ କରିଥିବା ବେଳେ କେତେ ଲାଭ ବା କ୍ଷତି କରିଛି ?

----

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

5092 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଗତ ତିନି ବର୍ଷରେ ଖାଦ୍ୟ ଓ ଯୋଗାଣ ବିଭାଗ ଅଧିନରେ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଅଛି?

----

## ଗୋଶାଳା ପ୍ରତିଷ୍ଠା

5093 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କଟକ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଶାଳା ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଅକ୍ଷୟଶକ୍ତି ବିକାଶ

5094 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା କର୍ମଚାରୀ ସଂଗଠନ ତରଫରୁ କେତେ ଦଫା ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ତନ୍ମଧ୍ୟରୁ କେଉଁଗୁଡ଼ିକ ସମାଧାନ ହୋଇଛି, ଅବଶିଷ୍ଟ ଦାବିଗୁଡ଼ିକୁ ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା

5095 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ମାଛ ଉତ୍ପାଦନ ବୃଦ୍ଧି

5096 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ, ବିରୂପା, କାଠଯୋଡ଼ି, କୁଆଖାଇ, ବିଲୁଆଖାଇ, ଲୁଣା, ଚିତ୍ରୋତ୍ପଳା, ଦେବୀ, କନ୍ଦଳ ନଦୀରେ ଦିନକୁ ଦିନ ମାଛ ଉତ୍ପାଦନ ହ୍ରାସ ପାଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ମାଛ ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମହାସୁଲ ଆଦାୟ ପରିମାଣ

5097 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ କଟକ ଜିଲ୍ଲାର କେଉଁ ହାଟରୁ କେତେ ମହାସୁଲ୍ ଆଦାୟ ହୋଇଛି ଓ ଏହି ହାଟର କେଉଁ କେଉଁ ପ୍ରକଳ୍ପ ବାବଦରେ କେତେ ଖର୍ଚ୍ଚ ହୋଇଛି, ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ସାଇନ୍ସ ପାର୍କ ପ୍ରତିଷ୍ଠା

5098 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ସାଇନ୍ସ ପାର୍କ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଛତୁ ଚାଷକୁ ପ୍ରୋତ୍ସାହନ

5099 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେତେ ଜଣ ଚାଷୀ ଛତୁ ଚାଷ କରୁଥିଲା ବେଳ ବାର୍ଷିକ କେତେ ଛତୁ ଉତ୍ପାଦିତ ହେଉଛି, ତାହାର ବିଗତ ତିନି ବର୍ଷର ପରିସଂଖ୍ୟାନ ଦର୍ଶାଇ ଜିଲ୍ଲାରେ ଛତୁ ଚାଷକୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ବୁଣାକାର ପରିବାରକୁ ସହାୟତା ପ୍ରଦାନ

5100 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ, ବିଗତ ତିନି ବର୍ଷରେ କେତେଜଣ ବୁଣାକାର ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥିଲା ବେଳେ ତାଙ୍କ ପରିବାରକୁ କି ସହାୟତା ଯୋଗାଇ ଦିଆଯାଇଛି ?

----

## କୁକୁଡା ଚାଷ ପାଇଁ ପ୍ରୋତ୍ସାହନ

5101 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଜଣଙ୍କୁ କୁକୁଡାପାଳନ ପାଇଁ କି କି ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

5102 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେଉଁ ସମବାୟ ଅନୁଷ୍ଠାନର କେତେ ଜାଗା କେଉଁଠାରେ ଜବରଦଖଲ ହୋଇଛି, ପ୍ରକାଶ କରି ଏହାକୁ ଜବରଦଖଲ ମୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପଞ୍ଜିକୃତ ମହିଳା ଚାଷୀ

5103 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକରେ କେତେ ମହିଳା ଚାଷୀ ପଞ୍ଜିକୃତ ହୋଇଛନ୍ତି, ଏହି ମହିଳା ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ କେତେ ଋଣ ଓ ସବ୍‌ସିଡ୍ ଯୋଗାଇ ଦିଆଯାଇଛି, ତାହାର ତିନି ବର୍ଷର ପରିସଂଖ୍ୟାନ ପ୍ରଦାନ କରିବେ କି ?

----

## ମତ୍ସ୍ୟଜୀବିଙ୍କ ସାମାଜିକ ସୁରକ୍ଷା

5104 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାର କେତେ ମତ୍ସ୍ୟଜୀବି ଚିହ୍ନଟ କରାଯାଇଛି, ମତ୍ସ୍ୟଜୀବିଙ୍କର ସାମାଜିକ ସୁରକ୍ଷା ଓ ନିରାପତ୍ତା ପାଇଁ କଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ବର୍ତ୍ତମାନସୁଦ୍ଧା କେତେ ମତ୍ସ୍ୟଜୀବି ସରକାରୀ ଯୋଜନାରୁ ଉପକୃତ ହେଉଛନ୍ତି ଏବଂ ବାଦ୍ ପଡୁଛନ୍ତି?

----

## ବୁଣାକାରଙ୍କୁ ସହାୟତା ପ୍ରଦାନ

5105 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ହସ୍ତତନ୍ତ ଓ ବୟନ ଶିଳ୍ପର ଚାହିଦା ଅଧିକ ଅଛି, ହସ୍ତତନ୍ତ ଓ ବୟନ ଶିଳ୍ପକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର କିଭଳି ଓ କେଉଁ ପ୍ରକାରେ ସହାୟତା ପ୍ରଦାନ କରିଛନ୍ତି?

----

## ବିଦ୍ୟୁତ୍ କ୍ଷେତ୍ରରେ କ୍ଷତି

5106 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଘରୋଇକରଣ କରିବା ପଛରେ କାରଣ କଣ, ଘରୋଇକରଣ ପୂର୍ବରୁ AT&C କ୍ଷତି କେତେ ରହିଥିଲା, ଘରୋଇକରଣ ପରେ AT&C କ୍ଷତି କେତେ ରହୁଛି, AT&C ଜନିତ କ୍ଷତି ଉପଭୋକ୍ତାଙ୍କ ଉପରେ ଲଦି ଦିଆଯାଉଥିବା ଘଟଣା ସତ୍ୟକି?

----

## ଅପମିଶ୍ରିତ ଖାଦ୍ୟ

5107 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଅନେକ ଅଚଂଳରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ସରକାରଙ୍କ ନଜରକୁ ଆସିଛି କି, ଗତ 2 ବର୍ଷ ମଧ୍ୟରେ କେଉଁ ସ୍ଥାନରୁ କେତେ ପରିମାଣର ଅପମିଶ୍ରିତ ଖାଦ୍ୟ ଜବତ ହୋଇଛି, ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରି ସଂସ୍ଥା ଓ ବ୍ୟକ୍ତିବିଶେଷ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## GI ମାନ୍ୟତା ପ୍ରଦାନ

5108 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର କେଉଁ ଅଂଚଳର କେଉଁ କେଉଁ ସାମଗ୍ରିକୁ GI ଟେକର ମାନ୍ୟତା ମିଳିଛି?

----

## ହିତାଧିକାରୀ ରାଶି ବୃଦ୍ଧି କରିବା ପାଇଁ ପଦକ୍ଷେପ

5109 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ମିଳୁଥିବା ବାର୍ଷିକ ୬000 ଟଙ୍କା ଅର୍ଥ ରାଶି ସମୁଦାୟ କେତେଜଣ ଚାଷୀଙ୍କୁ ମିଳୁଅଛି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେକି, (ଖ) ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ରାଶି ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରକୁ ପ୍ରସ୍ତାବ ଦେବେକି?

----

## ଶୀତଳ ଭଣ୍ଡାର ପ୍ରତିଷ୍ଠା

5110 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କେନ୍ଦ୍ରାପଡା ଜିଲ୍ଲାରେ କେଉଁ କେଉଁ ବ୍ଲକ/ ପୌରାଞ୍ଚଳମାନଙ୍କରେ କେଉଁ କେଉଁ ସ୍ଥାନରେ କେତେଗୋଟି ଓ କେତେ କ୍ଷମତାସମ୍ପନ୍ନ ଶୀତଳ ଭଣ୍ଡାର ମାନ ଅଛି ତାହାର ଏକ ତାଲିକା ଦେବେକି, (ଖ) ଚଳିତ ବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ବୃହତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ବିଚାର କରିବେକି?

----

## ବିଦ୍ୟୁତ୍ ଉତ୍ପାଦନ ବିବରଣୀ

5111 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାର 2000 ରୁ 2024 ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ କେଉଁ କେଉଁ ବିଦ୍ୟୁତ ପ୍ରକଳ୍ପ ନିମନ୍ତେ କେଉଁ କେଉଁ ତାରିଖରେ ଏମଓୟୁ ସ୍ୱାକ୍ଷର କରିଛନ୍ତି ତାହାର ତାଲିକା ଦେବେକି, (ଖ) ଏମଓୟୁ ଅନୁସାରେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ କେତେ କେତେ କ୍ଷମତା ସମ୍ପନ୍ନ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି ?

----

## ନୂତନ କୃଷି ସମବାୟ ସମିତି

5112 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାର 2023 2024 ମସିହାରେ କେତେଗୋଟି ପ୍ରାଥମିକ କୃଷି ସମବାୟ ସମିତି ନୂଆକରି ସୃଷ୍ଟି କରିଛନ୍ତି ଓ ପୂର୍ବରୁ କେତେଗୋଟି ପ୍ରାଥମିକ କୃଷି ସମବାୟ ସମିତି ଥିଲା ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି (ଖ) କେନ୍ଦ୍ରାପଡା ଜିଲ୍ଲାରେ ନୂଆକରି ସୃଷ୍ଟି ହୋଇଥିବା ପ୍ରାଥମିକ ନୂତନ କୃଷି ସମବାୟ ସମିତିର ଏକ ବ୍ଲକୱାରୀ ତାଲିକା ଦେବେ କି, (ଖ) ଏହି ନବଗଠିତ ପ୍ୟାକ୍ସଗୁଡିକର ପରିଚାଳନା ଭାର କାହା ଉପରେ ନ୍ୟସ୍ତ କରାଯାଇଛି କହିବେକି?

----

## ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁ ପରିଚାଳନା

5113 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ଭିଜିଲାନ୍ସ କମିଟି ସରକାର ଗଠନ କରିଥିବା ସତ୍ୟ କି; (ଖ) ଯଦି ହଁ, କେନ୍ଦ୍ରାପଡ଼ା ଜିଲ୍ଲାର କେଉଁ କେଉଁ ବ୍ଲକରେ କେଉଁ କେଉଁ ମାନଙ୍କୁ ନେଇ କେଉଁ କେଉଁ ତାରିଖରେ ଏହି କମିଟିମାନ ଗଠନ କରାଯାଇଛି ?

----

## ବୁଣାକାରଙ୍କ ତଥ୍ୟ ପ୍ରଦାନ

5114 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଙ୍କିଡ଼ିଆ (MAKIDIA) ଗ୍ରାମରେ ମୋଟ କେତେ ଟସର ଓ ପାଟ ବୁଣାକାର ଅଛନ୍ତି ସେଥିରୁ ମହିଳା ବୁଣାକାର କେତେ ଜଣ କେଉଁ ବୁଣାକାର କେଉଁ ବୁଣାକାର ସମିତିକୁ ଉତ୍ପାଦିତ କପଡ଼ା ଯୋଗାଇ ଦେଉଛନ୍ତି, ଜାତିଗତ ବୃତ୍ତି ବ୍ୟତୀତ ଅନ୍ୟ ସମ୍ପ୍ରଦାୟର କେତେଜଣ ପୁରୁଷ ମହିଳା ବୁଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି ସରକାର ଏହାର ବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଏଥିରେ ଭବିଷ୍ୟତ ଯୋଜନା ସମ୍ପର୍କରେ କାର୍ଯ୍ୟକ୍ରମ କଣ ?

----

## ଚିଙ୍ଗୁଡ଼ି ରପ୍ତାନୀରୁ ରାଜସ୍ୱ ଆୟ

5115 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରୁ ଦୈନିକ, କେଉଁ ପ୍ରକାର କେତେ ପରିମାଣ ଚିଙ୍ଗୁଡ଼ି ବିଦେଶକୁ ରପ୍ତାନୀ କରାଯାଉଛି, ସେ କମ୍ପାନୀମାନେ କିଏ ଏଥିରୁ ବର୍ଷକୁ କେତେ ରାଜସ୍ୱ ସରକାର ପାଉଛନ୍ତି ଏହାର ସବିଶେଷ ହିସାବ ବିଗତ ପାଞ୍ଚବର୍ଷ ପାଇଁ ଉପସ୍ଥାପନ କରିବେ କି ?

----

## "ଇସ୍ରୋ" ରେ ଗବେଷଣାରତ ମେଧାବୀ ଛାତ୍ର

5116 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରୁ କେତେଜଣ ମେଧାବୀବ୍ୟକ୍ତି "ଇସ୍ରୋ" ରେ ଗବେଷଣା କରୁଛନ୍ତି ଓ କାର୍ଯ୍ୟରେ ଯୋଗ ଦେଇଛନ୍ତି ଏବଂ କେଉଁ ପ୍ରକାର ଗବେଷଣାରେ ନିଜକୁ ସାମିଲ କରିଛନ୍ତି ?

----

## ବିଜ୍ଞାନ କ୍ଷେତ୍ରରେ ଗବେଷଣା ରତ ଛାତ୍ରଛାତ୍ରୀ

5117 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଉଦ୍ୟୋଗ ପ୍ରତିଷ୍ଠା

5118 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା କେଉଁ ବ୍ଲକ ଇଲାକାରେ MSME ଶିଳ୍ପ ପ୍ରତିଷ୍ଠାପାଇଁ ସରକାର ପଦକ୍ଷେପ ନେଇଛନ୍ତି, ସେଥିପାଇଁ କେଉଁଠାରେ କେତେଜଣ ଅଧିଗ୍ରହଣ ହୋଇଛି କିମ୍ବା ଚିହ୍ନଟ ହୋଇସାରିଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ପ୍ରତ୍ୟେକଟିରେ କେଉଁ ପ୍ରକାର ଉଦ୍ୟୋଗ ପ୍ରତିଷ୍ଠା ହେବ ଏହାର ବର୍ତ୍ତମାନ Status କଣ ?

----

## ତାଲିମ ପ୍ରଦାନ

5119 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ କେଉଁ ଜିଲ୍ଲାର କେତେଜଣ କୃଷକଙ୍କୁ ଅତ୍ୟାଧୁନିକ କୃଷି ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି, ପ୍ରକାଶ କରି ବିଶ୍ୱବିଦ୍ୟାଳୟ ତରଫରୁ ବିଭିନ୍ନ ଜିଲ୍ଲାରେ କୃଷକମାନଙ୍କୁ କ୍ଷେତ୍ର ପରିଦର୍ଶନ ମୂଳକ ତାଲିମ୍ ବ୍ୟବସ୍ଥା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅଧ୍ୟାପକ ପଦବୀ ପୂରଣ

5120 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କୃଷି ବିଜ୍ଞାନ ମହାବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହାର ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବାର୍ଡ଼ ଫ୍ଲୁ ଆତଙ୍କ

5121 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପିପିଲିରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ବାର୍ଡ ଫ୍ଲୁ ସଂକ୍ରମଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଟସର ବସ୍ତ୍ର ବଜାର ବ୍ୟବସ୍ଥା

5122 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଗତ ତିନି ବର୍ଷରେ କେତେ ଟସର ବସ୍ତ୍ର ଉତ୍ପାଦିତ ହୋଇଥିଲା ବେଳେ ତା'ର ବଜାର ବ୍ୟବସ୍ଥା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

5123 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ସମବାୟ ସଂସ୍ଥାର କେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଅନୀୟମିତତା ଅଭିଯୋଗ ଆସିଥିଲାବେଳେ ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପେଟ୍ରୋଲ ମାପ ଓ ମାନ ତ୍ରୁଟି ଦୃଷ୍ଟିକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ

5124 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ପେଟ୍ରୋଲ୍ ଟାଙ୍କି ବିରୁଦ୍ଧରେ ମାପକ ଓ ମାନକରେ ତ୍ରୁଟିକୁ ଦୃଷ୍ଟିକୁ ଅଣାଯାଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଗ୍ରାହକ ଶୋଷଣ ରୋକିବାକୁ ପଦକ୍ଷେପ

5125 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଟାଟା ପାୱାର ତରଫରୁ ଗ୍ରାହକ ଶୋଷଣ କରାଯାଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ଗ୍ରାହକ ଶୋଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସମବାୟ ବ୍ୟାଙ୍କ ପ୍ରତିଷ୍ଠା

5126 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତିଷ୍ଠା ହୋଇନାହିଁ, ପ୍ରକାଶ କରି ଏହା ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବାର୍ଡ୍ ଫ୍ଲୁ ସଂକ୍ରମଣ

5127 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ସମ୍ପ୍ରତି ଦେଖାଦେଇଥିବା ବାର୍ଡ ଫ୍ଲୁ ସଂକ୍ରମଣ ପରିପେକ୍ଷୀରେ ଭଦ୍ରକ ଜିଲ୍ଲାରେ ସଂକ୍ରମଣ ରୋକିବାକୁ କି ପଦକ୍ଷେପ ନିଆଯାଉଛି;(ଖ) ବାର୍ଡ ଫ୍ଲୁ ସଂକ୍ରମଣ ଯୋଗୁଁ ମରାଯାଉଥିବା କୁକୁଡ଼ା ମାନଙ୍କ ବଜାର ମୂଲ୍ୟ ନିର୍ଦ୍ଧାରଣ କରି କୁକୁଡା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଗଣିତ କର୍ମଶାଳା ଆୟୋଜନ

5128 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ଗଣିତ ପ୍ରତିଷ୍ଠାନ ତରଫରୁ ବିଗତ ତିନି ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ଗଣିତ କର୍ମଶାଳା ଆୟୋଜନ କରାଯାଇଛି, ପ୍ରକାଶ କରି ନିୟମିତ ଭାବେ ବିଭିନ୍ନ ଜିଲ୍ଲାରେ ଗଣିତ କର୍ମଶାଳା ଆୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ରୁଗ୍ଣଶିଳ୍ପର ପୁନଃରୁଦ୍ଧାର

5129 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ପ୍ରତିଷ୍ଠିତ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରୁଗ୍ଣ ହେବା ଯୋଗୁଁ ଏହା ବନ୍ଦ ହୋଇଛି, ଏହି ରୁଗ୍ଣ ଶିଳ୍ପକୁ ପୁନରୁଦ୍ଧାର ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ବୁଣାକାରଙ୍କୁ ତାଲିମ୍ ପ୍ରଦାନ

5130 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସୋନପୁର ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ ତରଫରୁ ତାଙ୍କ କାର୍ଯ୍ୟାଳୟ ଅଧିନସ୍ଥ କେତେଜଣ ବୁଣାକାରଙ୍କୁ ବିଗତ ତିନି ବର୍ଷରେ ଅତ୍ୟାଧୁନିକ ବସ୍ତ୍ର ବୟନ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି, ପ୍ରକାଶ କରି ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ବୁଣାକାରମାନଙ୍କୁ ଅତ୍ୟାଧୁନିକ ବସ୍ତ୍ର ବୟନ ତାଲିମ୍ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମାଛ ଜାଁଆଳ ପ୍ରସ୍ତୁତ

5131 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ଚଳିତ ବର୍ଷ କେତେ ମାଛ ଜାଆଁଳ ପ୍ରସ୍ତୁତ କରାଯାଇଛି ଏବଂ ଅଧିକ ପରିମାଣ ମାଛ ଜାଆଁଳ ପ୍ରସ୍ତୁତ କରି ଚାଷୀମାନଙ୍କୁ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସମବାୟ ଜ୍ଞାନ କୌଶଳ ସମ୍ପର୍କରେ ତାଲିମ୍

5132 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟର କେଉଁ କେଉଁ ସମବାୟ ସଂସ୍ଥାର କେଉଁ ଅଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ରାଜ୍ୟ ବାହାରକୁ ଓ ବିଦେଶକୁ ଅତ୍ୟାଧୁନିକ ସମବାୟ ଜ୍ଞାନ କୌଶଳ ସମ୍ପର୍କରେ ତାଲିମ୍ ଓ କ୍ଷେତ୍ର ପରିଦର୍ଶନ ଜ୍ଞାନ କୌଶଳ ପ୍ରଦାନ ପାଇଁ ପଠାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## Execution Petition Dispute ଗୁଡ଼ିକର ତାଲିକା

5133 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବିଗତ ୧୦ବର୍ଷ ମଧ୍ୟରେ ତନ୍ତୁବାୟ ସହଯୋଗ ସମିତି (WCS) ଗୁଡିକରେ କେତେ Execution Petition Dispute (legal matter) ରହିଅଛି ତାହାର ଜିଲ୍ଲାୱାରୀ ଓ ବର୍ଷୱାରୀ ଏକ ତାଲିକା ଦେବା ସହ, ଆଠଗଡ ବୟନମଣ୍ଡଳ ଅଧିନରେ କେତୋଟି ତନ୍ତୁବାୟ ସହଯୋଗ ସମିତିରେ ସେହିପରି କେତୋଟି ମାମଲା ରହିଅଛି ତାର ବର୍ଷଓ୍ୱାରୀ, ତନ୍ତୁବାୟ ସହଯୋଗ ସମିତିୱାରୀ ତଥ୍ୟ ପ୍ରଦାନ କରିବେ କି ? ଏବଂ ଏହା ଉପରେ ବିଭାଗ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଇଅଛି ?

----

## ନୂତନ କାର୍ଯ୍ୟାଳୟ ଗୃହ ପାଇଁ ଅନୁଦାନ

5134 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତୋଟି ଯୋଗାଣ ବିଭାଗର ନିଜସ କାର୍ଯ୍ୟାଳୟ ଗୃହ ରହିଅଛି, ଏବଂ କେତୋଟିର ନୂତନ କାର୍ଯ୍ୟାଳୟ ପାଇଁ ଅନୁଦାନ ପ୍ରଦାନ କରାଯାଇଥିଲେ ମଧ୍ୟ କେଉଁ କାରଣ ପାଇଁ କାର୍ଯ୍ୟାଳୟ ଗୃହ ହୋଇପାରିନାହିଁ ଏବଂ କେଉଁ ଜିଲ୍ଲାର ନିଜସ ଗୃହ ନଥିବା ନେଇ ଜିଲ୍ଲାସ୍ତରରୁ ପ୍ରସ୍ତାବ ଆସିଅଛି, ଏହା ଉପରେ ବିଭାଗ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଇଛି, ସମସ୍ତ ଜିଲ୍ଲାରେ କେବେସୁଦ୍ଧା ନିଜସ କାର୍ଯ୍ୟାଳୟ ଗୃହ ହୋଇପାରିବ, ନିର୍ଦ୍ଦିଷ୍ଟ ଭାବେ ତା'ର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## କର୍ମଚାରୀ ବଦଳୀ ସମ୍ପର୍କରେ

5135 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ସମବାୟ ବିଭାଗ ଅଧୀନରେ ARCS ଓ DRCS କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କ୍ଲରିକାଲ ଷ୍ଟାଫ୍‌ଙ୍କର ବଦଳୀ ପାଇଁ କି ବ୍ୟବସ୍ଥା ରହିଅଛି, ସେମାନେ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ହେବ ରହିଆସିବା ଫଳରେ ସେମାନେ ବିଭିନ୍ନ ଦୁର୍ନୀତିଗ୍ରସ୍ତ ହୋଇପଡିଛନ୍ତି, ସେମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ବଦଳୀ ପାଇଁ କି ନୀତିନିୟମ ରହିଛି ଜଣାଇବା ସହ (ଖ) ରାଜ୍ୟର କେଉଁ ଜିଲ୍ଲାରେ କେଉଁ କିରାଣୀମାନେ ୫ବର୍ଷରୁ ଉର୍ଦ୍ଧ୍ୱହେବ ଗୋଟିଏ ସ୍ଥାନରେ କାର୍ଯ୍ୟକରିଛନ୍ତି ସେମାନଙ୍କର ନାମ ଓ କାର୍ଯ୍ୟକାରିତା ବର୍ଷର ବିବରଣୀ ARCS ଓ DRCS କାର୍ଯ୍ୟାଳୟୱାରୀ ତାଲିକା ପ୍ରଦାନ କରିବେ କି; ଏବଂ ଏହି ବିଭାଗ ଅଧୀନରେ କାର୍ଯ୍ୟରତ ୩ୟ ଶ୍ରେଣୀ କର୍ମଚାରୀମାନଙ୍କୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଅନ୍ୟ ବିଭାଗକୁ ସ୍ଥାନାନ୍ତରିତ କରିବାର କ୍ଷମତା ଅଛି କି ନାହିଁ ?

----

## ବିହନ ଯୋଗାଣ

5136 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସରକାରଙ୍କ ତରଫରୁ ରବିରଷ ନିମନ୍ତେ କେଉଁ ବିହନ କେତେ ମୂଲ୍ୟରେ ପଞ୍ଚାୟତ/ବ୍ଲକ୍‌ସ୍ତରରେ ରଷୀମାନେ କିପରି ସୁବିଧାରେ ପାଇପାରିବେ ସେଥିପାଇଁ ସରକାରଙ୍କ ତରଫରୁ କି ବ୍ୟବସ୍ଥା ଗ୍ରହଣ କରାଯାଇଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି; ଏଥରେ କେଉଁ ଜିଲ୍ଲାର କେତେ ରଷୀ ଏହି ବିହନ ପାଇବାର ବ୍ୟବସ୍ଥା କରାଯାଇଛି ତାହାର ଜିଲ୍ଲାୱାରୀ ରଷୀମାନଙ୍କର ତାଲିକା ପ୍ରଦାନ କରିବେ କି ?

----

## ଅଳଙ୍କାରମାନ ନିର୍ଣ୍ଣୟ

5137 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଅଦ୍ୟାବଧି କେଉଁ ଜିଲ୍ଲାରେ କେତୋଟି, କେଉଁ ଅଳଙ୍କାର ଦୋକାନ ଉପରେ ବିଭାଗ ପକ୍ଷରୁ ମାନ ନିର୍ଣ୍ଣୟ ପାଇଁ ଚଢ଼ାଉ କରାଯାଇଅଛି ତାହାର ଜିଲ୍ଲାୱାରୀ ଅଳଙ୍କାର ଦୋକାନର ସବିଶେଷ ବିବରଣୀ ପ୍ରଦାନ କରିବା ସହ ଅଳଙ୍କାରରେ ଅନିୟମିତତା କରିଥିବା ଦୋକାନ ଉପରେ ବିଭାଗ ପକ୍ଷରୁ କେତେ ଜୋରିମାନା କରାଯାଇଅଛି କି ଏବଂ କଟକ ଜିଲ୍ଲାର ଅଦ୍ୟାବଧି କେତୋଟି ଅଳଙ୍କାର ଦୋକାନ ଉପରେ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି ଏବଂ କେଉଁମାନେ ନିମ୍ନମାନର (ବିନା ହଲମାର୍କ) ଗହଣା ବିକ୍ରି କରୁଥିବାର ଜଣାପଡିଅଛି ତାହାର ଏକ ତାଲିକା ଦେବାସହ, ସେମାନଙ୍କ ଉପରେ ବିଭାଗପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ତାହାର ଏକ ତାଲିକା ଦେବେ କି; ଯଦି ତଦନ୍ତ ନ ହୋଇଛି ଏହାର କାରଣ କ'ଣ ଏବଂ କେବେ ସୁଦ୍ଧା କରାଯିବ?

----

## Valuation of CESU Assets

5138 Sofia Firdous (Barabati-cuttack):

Will the Minister for **Energy** be pleased to state that:-:-

(a) The details of all existing assets of the Central Electricity Supply Utility of Odisha (CESU) that were present at the time of its takeover by TP Central Odisha Distribution Limited (TPCODL), including a breakdown of the types and quantities of assets; (b) The total valuation of these assets at the time of the takeover; and The name of the agency or organization that conducted the valuation of CESU's assets, and the methodology used for this valuation?

----

**Valuation Amount of CESU**

5139 **Sofia Firdous (Barabati-cuttack):**

Will the Minister for **Energy** be pleased to state that:-:-

(a) Whether TPCODL paid the valuation amount to Central Electricity Supply Utility of Odisha (CESU) during the takeover process; and (b) If so, the exact amount that was paid by TPCODL to CESU as part of this transaction?

----

**Jobs created by TPCODL**

5140 **Sofia Firdous (Barabati-cuttack):**

Will the Minister for **Energy** be pleased to state that:-:-

(a) The total number of new jobs created by TPCODL in Cuttack since its takeover of CESU to the present date; (b) A breakdown of these new employments by job category, including but not limited to technical, administrative and managerial positions?

----

**Status of Project**

5141 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(a) With reference to the reply to Unstarred Question No. 1456 dated 21.08.2024 regarding year-wise capital expenditure, what specific amount has been allocated to the Barabati-Cuttack constituency; (b) Out of the allocated amount for Barabati, Cuttack constituency, how much funding has actually been received to date; The total amount that has been spent so far on

projects within the Barabati- Cuttack constituency; The current status of implementation for the capital expenditure projects in the Barabati-Cuttack constituency, including any ongoing works and their expected completion dates?

----

**Creation of pet crematorium**

**5142 Sofia Firdous (Barabati-cuttack):**

Will the Minister for **Housing & Urban Development** be pleased to state that:- :-

(a) In light of the growing number of pet owners in Odisha, can the government consider the establishment of dedicated pet crematoriums in major cities, including Bhubaneswar and Cuttack, to ensure the respectful and environmentally sound disposal of deceased pets; (b) How does the government assess the potential environmental and public health benefits of such facilities, and what impact could this have on the community, particularly in reducing llegal burial practices and promoting responsible pet ownership?

----

**Implementation of Rural Co-operative Credit Structure**

**5143 Shri Sagar Charan Das (Bhawanipatna):**

Will the Minister for **Co-operation** be pleased to state that:-:- Can the government provide details on the implementation of the "Rural Cooperative Credit Structure" in Western Odisha, including the number of beneficiaries and total credit disbursed in the last 5 years?

----

**Vaccination under National Livestock Mission**

**5144 Shri Sagar Charan Das (Bhawanipatna):**

Will the Minister for **Fisheries & Animal Resources Development** be pleased to state that:-:-

Can the government provide details on the vaccination coverage for livestock in Western Odisha under the "National Livestock Mission"; What are the reasons for the gaps (if any); What are the measures being taken to meet the gaps?

----

## Technical Support under Ambedkar Hastshilp Yojana

5145 **Shri Sagar Charan Das (Bhawanipatna):**

Will the Minister for **Textiles, Handlooms & Handicrafts** be pleased to state that:-:-

What initiatives have been taken to provide technological support to artisans in Western Odisha under the "Ambedkar Hastshilp Vikas Yojana," and how many artisans have benefited till date?

----

## Impact of Odisha MSME Trade Fair

5146 **Shri Sagar Charan Das (Bhawanipatna):**

Will the Minister for **Micro, Small & Medium Enterprises** be pleased to state that:-:-

How has the "Odisha MSME Trade Fair" impacted the business prospects of small enterprises from Western Odisha, and what initiatives are being taken to increase their participation?

----

## Contribution of Biju Patnaik Science & Technology innovation Centre

5147 **Shri Sagar Charan Das (Bhawanipatna):**

Will the Minister for **Science and Technology** be pleased to state that:-:-

How has the "Biju Patnaik Science and Technology Innovation Centre" contributed to technology-driven solutions in agriculture and water management in the KBK region?

----

## ବିହନ ଯୋଗାଣ

5148 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତେ ଜଣ ଚାଷୀଙ୍କୁ ବିଗତ ବର୍ଷରେ ସାର ଓ ବିହନ କେତେ ପରିମାଣରେ ଯୋଗାଇ ଦିଆଯାଇଛି; ଏବଂ ଚଳିତ ବର୍ଷ କେତେ ଜଣ ଚାଷୀଙ୍କୁ ସାର ଓ ବିହନ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ?

----

## ଅଚଳଥିବା ଉଦ୍ୟୋଗକୁ ସଚଳ କରିବାକୁ ପଦକ୍ଷେପ

5149 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନୀ ମଣ୍ଡଳୀ ଅଧୀନ ରେ କେତୋଗୋଟି ସୂକ୍ଷ୍ମମ୍ ଓ ମଧ୍ୟମ ଉଦ୍ୟୋଗ ଅଛି, ସେଥି ମଧ୍ୟରୁ କେତେ ଗୋଟି ଉଦ୍ୟୋଗ ସଚଳ ଅବସ୍ଥା ଏବଂ କେତୋଟି ଅଚଳ ଅଛି, ଅଚଳ ଥିବା ଉଦ୍ୟୋଗ ଗୁଡ଼ିକ ସଚଳ କଲେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବେକାର ଯୁବକ ଯୁବତୀ ଉପକୃତ ହୋଇ ପାରିବେ,ଏହି ସମ୍ପର୍କରେ ସରକାର କି ପଦକ୍ଷେପ ନେବେ?

----

## ଋଣ ପ୍ରଦାନ

5150 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାରେ ଗତ ୫ବର୍ଷରେ କେତେ ଜଣଙ୍କୁ ଗାଈ, ଛେଳି, କୁକୁଡ଼ା, ମାଛ ଓ ଅନ୍ୟ କେଉଁ ଚାଷ ପାଇଁ କେତେ ଋଣ ଓ ପ୍ରୋତ୍ସାହନ ଦିଆଯାଇଛି ଓ ଏହା ଦ୍ୱାରା କେତେ ଜଣ ଆତ୍ମ ନିଯୁକ୍ତି ପାଇଛନ୍ତି, ତାହାର ଏକ ସବିଶେଷ ବିବରଣୀ ବ୍ଲକ ୱାରି ପ୍ରଦାନ କରିବେ କି ?

----

## ସାର ଓ କୀଟନାଶକ ଯୋଗାଣ

5151 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କୃଷକ ସଶକ୍ତି କରଣର ଅର୍ଥ କଣ; କିପରି ଭାବରେ କୃଷକମାନେ ସରକାରଙ୍କ ଦ୍ୱାରା ସଶକ୍ତି କରଣ ହୋଇପାରିଛନ୍ତି; ସବିଶେଷ ତଥ୍ୟ ଦେଇପାରିବେ କି; ଏବଂ (ଖ) ଏକରପିଛା (ପଞ୍ଜିକୃତ/ଅଣ ପଞ୍ଜିକୃତ) କୃଷକମାନେ କେତେ ପରିମାଣରେ ସାର ଏବଂ କୀଟନାଶକ ସରକାରଙ୍କ ତରଫରୁ ମୁଣ୍ଡପିଛା ପାଉଛନ୍ତି, ତାହାର ସବସିଡି କଣ ରହିଛି ଏବଂ କୀଟନାଶକ ବ୍ୟବହାର ମୋ ନିର୍ବାଚନ ମଣ୍ଡଳିକୁ ସ୍ପ୍ରେ ମେସିନ୍ ଯୋଗାଇ ଦେଇପାରିବେ ?

----

## Reserver ମାଛ ଚାଷ

5152 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଥିବା ପାୱାର ପ୍ଲାଣ୍ଟ ରେ କେତେ ମେଗା ୱାଟ ବିଦ୍ୟୁତ୍ ଉତ୍ପନ୍ନ ହେଉଅଛି,ସେଥି ପାଇଁ ବାର୍ଷିକ କେତେ ଖର୍ଚ୍ଚ ହେଉଛି, ବାର୍ଷିକ ଆଦାୟ କେତେ ହେଉଛି, ତାର C S R fund ରହିଛି କି ନାହିଁ, ଯଦି ରହିଛି, ଗତ ଦଶ ବର୍ଷର CS R fund କଣ ଥିଲା, କେଉଁ କେଉଁ ଜାଗାରେ ଖର୍ଚ୍ଚ ହୋଇ ଥିଲା, ଏ ପ୍ରକଳ୍ପର ନାମ ଏବଂ ଖର୍ଚ୍ଚ ହୋଇ ଥିବା ସମ୍ପୂର୍ଣ ବିବରଣୀ ଦେବେ କି ; ଉକ୍ତ reserver ମାଧ୍ୟମରେ ବର୍ତ୍ତମାନ କେତେ ଜଣ ହିତାଧିକାରୀଙ୍କ କେତେ ରକବା ଜମି ଜଳ ସେଚିତ ହେଉଅଛି ; ଜଳ ସେଚିତ ହେଉ ଥିବା ହିତାଧିକାରୀଙ୍କ ନାମ ଠିକଣା, ଖାତା ନମ୍ବର, ପ୍ଲଟ ନମ୍ବର ଏବଂ ରକବାର ସମ୍ପୂର୍ଣ୍ଣ ତଥ୍ୟ ଯୋଗାଇ ଦେବେ କି ; ଏବଂ ଉକ୍ତ reserver ମାଛ ଚାଷ ମାଧ୍ୟମରେ କେତେ ଆଦାୟ ହେଉଛି ଏବଂ ଜଳ ସେଚିତ ଜମିରୁ କେତେ ରାଜସ୍ୱ ଆଦାୟ ହେଉଛି, ବିଗତ ଦଶ ବର୍ଷ ମଧ୍ୟରେ ସରକାରଙ୍କ କେତେ ଅନୁଦାନ କେଉଁ କେଉଁ କାମ ନିମନ୍ତେ ଖର୍ଚ୍ଚ ହୋଇଛି ବର୍ଷ ୱାରୀ ତଥ୍ୟ ଯୋଗାଇ ଦେବେ କି ?

----

## ବିଦ୍ୟୁତ ସରବରାହ ସମ୍ପର୍କରେ

5153 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ଏବେ ବିଦ୍ୟୁତ୍ କ୍ଷେତ୍ରରେ ସରବରାହ ଓ ବଣ୍ଟନ ଜନିତ କ୍ଷତି କେତେ ହେଉଛି ଓ ତାହା ଜାତୀୟ ହାରଠାରୁ ତଥା ଅନ୍ୟାନ୍ୟ ରାଜ୍ୟଠାରୁ କେତେ ଭିନ୍ନ; ରାଜ୍ୟର ଉପରୋକ୍ତ କ୍ଷତିକୁ କମାଇବା ପାଇଁ କି ଲକ୍ଷ୍ୟ ରହିଛି ?

----

## ORSAC ପକ୍ଷରୁ ହୋଇଥିବା କାର୍ଯ୍ୟ

5154 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ORSAC ପକ୍ଷରୁ ଗତ ୫ ବର୍ଷରେ ପ୍ରତିବର୍ଷ କେଉଁ କେଉଁ କ୍ଷେତ୍ରରେ କି ପ୍ରକାର କାର୍ଯ୍ୟ ଅଧ୍ୟୟନ କରାଯାଇଅଛି?

----

## ମାଛର ଆବଶ୍ୟକତା

5155 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ମୁଣ୍ଡ ପିଛା ଦୁଗ୍ଧ, ମାଛ, ଅଣ୍ଡା Chicken ଓ ମାଂସ ବ୍ୟବହାର କେତେ ହେଉଛି ଓ ଗତ ୫ ବର୍ଷରେ ତାହା ପ୍ରତି ବର୍ଷ କେଉଁ ହାରରେ ବଢ଼ିଛି ବା କମିଛି ଏବଂ ଓଡ଼ିଶାର ସ୍ଥିତି ଜାତୀୟ ହାରଠାରୁ ତଥା ଅନ୍ୟ ରାଜ୍ୟଠାରୁ କେତେ ଭିନ୍ନ ?

----

## ସମବାୟ ସଂସ୍ଥାର ଆୟ ବ୍ୟୟ

5156 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ପ୍ରାଥମିକ ସମବାୟ ସମିତି ଅଛି; ସେସବୁରୁ କେତୋଟି ସକ୍ରିୟ ଓ କେତୋଟି ଅଚଳ ଏବଂ ତନ୍ମଧ୍ୟରୁ କେତୋଟି ସମିତି କୃଷି କ୍ଷେତ୍ରରେ ଓ ଅନ୍ୟାନ୍ୟ କେଉଁ କ୍ଷେତ୍ରରେ କାମ କରୁଛନ୍ତି; ଗତ ୫ ବର୍ଷରେ ପ୍ରତି ବର୍ଷ ସେଗୁଡ଼ିକର ଆୟବ୍ୟୟ ଆଦି ଭିନ୍ନ ପ୍ରକାର ଆର୍ଥିକ କାରବାର ତଥା ଲାଭକ୍ଷତି କେତେ ଥିଲା; ଏସବୁ ସଂସ୍ଥାରେ କେତେ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ କାମ କରୁଛନ୍ତି ଏବଂ ସେମାନଙ୍କୁ କି ହାରରେ ଦରମା, ମହଙ୍ଗା ଭତ୍ତା, ଅବସର କାଳିନ pension ଆଦି ସୁବିଧା ଦିଆଯାଉଅଛି; ଏସବୁ ସମିତି ସଂସ୍ଥା ବଢ଼ାଇବାର କି ବ୍ୟବସ୍ଥା ରହିଛି; ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## Service charge ବାବଦରେ ମିଳିଥିବା ଅର୍ଥ

5157 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- PMFBY ଯୋଜନାରେ ରାଜ୍ୟରେ ୧୭ ଗୋଟି ସମବାୟ ବ୍ୟାଙ୍କ କେତେ ଟଙ୍କା Service charge ପାଇଛନ୍ତି ଏବଂ ସମସ୍ତ PACS/LAMPCS ନିବନ୍ଧକ ସମବାୟ ସମିତିଙ୍କ ପତ୍ର ସଂଖ୍ୟା ୧୧୦୪୪ ତା.୦୪.୦୬.୧୮ ଅନୁସାରେ କେତେ service charge ପାଇଛନ୍ତି; ଏହାର ଏକ Bank wise ଏବଂ PACS/LAMPCS wise ତଥ୍ୟ ବିଗତ ୫ ବର୍ଷର ପ୍ରଦାନ କରିବେ କି ?

----

## ମତ୍ସ୍ୟ ଉତ୍ପାଦନ

5158 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ୫ ବର୍ଷରେ ରାଜ୍ୟରେ କେଉଁ କେଉଁ ଜିଲ୍ଲାରୁ କେତେ ପରିମାଣ ଓ କେତେ ମୂଲ୍ୟର ମଧୁର ଜଳ ଓ ଲୁଣି ଜଳରୁ ମତ୍ସ୍ୟ ଉତ୍ପାଦନ ହୋଇ ଅଛି ତା'ର ଏକ ତାଲିକା ପ୍ରଦାନ କରିବେ କି; ରାଜ୍ୟରେ ଲୁଣିଜଳ ଓ ମଧୁର ଜଳ ମତ୍ସ୍ୟର ଚାହିଦା କେତେ ପରିମାଣ ଓ କେତେ ମୂଲ୍ୟର ଜଣାଇବେ କି; ବାହାର ରାଜ୍ୟରୁ ଲୁଣି ଓ ମଧୁର ଜଳର ମତ୍ସ୍ୟ କେତେ ଆମଦାନି ହେଉଅଛି ଓ ଆମ ରାଜ୍ୟରୁ ବାହାର ରାଜ୍ୟ ଓ ଦେଶକୁ କେତେ ରପ୍ତାନି ହେଉଛି ତାର ଏକ ତଥ୍ୟ ପ୍ରଦାନ କରିବେ କି ଏବଂ ସୁନ୍ଦର ଗଡ଼ ଜିଲ୍ଲାରୁ ବିଗତ ୧୦ ବର୍ଷରେ ବ୍ଲକୱାରୀ ଶସ୍ୟ ଉତ୍ପାଦନର ତଥ୍ୟ ପ୍ରଦାନ କରିବା ସହିତ, ବଣେଇ ଠାରେ ଥିବା Fishery Nursery Tank କେବେ କାର୍ଯ୍ୟକାରୀ ହେବ ?

----

## Transformer ସ୍ଥାପନ ସମ୍ପର୍କରେ

5159 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଉରକେଲା ସହରରେ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନିଜସ୍ୱ ବ୍ୟବହାର ନିମନ୍ତେ ସର୍ବସାଧାରଣ ବ୍ୟବହୃତ ସ୍ଥାନ, Footpath ଓ ମୂଲ୍ୟବାନ ସରକାରୀ ଜମିରେ ବିଦ୍ୟୁତ Transformer ସ୍ଥାପନ କରିଅଛନ୍ତି ତାହା ନିୟମ ଭୁକ୍ତ ଅଟେ କି; ଯଦି ହଁ ତେବେ ଉକ୍ତ ନିୟମର ତଥ୍ୟ ଉପସ୍ଥାପନ କରିବେ କି; ଯଦି ନାଁ ତେବେ ରାଉରକେଲା ସହରରେ ଏଭଳି ବେନିୟମ Transformer ସ୍ଥାପନ କରିଥିବା ସଂସ୍ଥା ବା ବ୍ୟକ୍ତି ମାନଙ୍କର ଏକ ତାଲିକା ସହିତ ସେମାନଙ୍କ ବିରୁଦ୍ଧରେ ନିୟମ ଅନୁଯାଇ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## Mega Food Park ପ୍ରତିଷ୍ଠା

5160 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ Mega Food Park ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କେତେ subsidy ପାଣ୍ଠି ବିନିଯୋଗ କରାଯାଇଅଛି ତା'ର ତଥ୍ୟ କହିବେ କି; କେଉଁ କେଉଁ ଜିଲ୍ଲାରେ Mega Food Park ପ୍ରତିଷ୍ଠା କରାଯାଇଛି ତାର ଏକ ତାଲିକା ପ୍ରଦାନ କରିବା ସହିତ ସୁନ୍ଦରଗଡ଼ ଜିଲ୍ଲାରେ Mega Food Park ପ୍ରତିଷ୍ଠା ନିମନ୍ତେ ବ୍ୟବସ୍ଥା କରିବେ କି ?

----

## ଡିଲର ନିଯୁକ୍ତି

5161 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକରେ Ration Card ମାଧ୍ୟମରେ କେତେ ଜଣ ଡିଲର ନିଯୁକ୍ତି କରାଯାଇଛି ଓ କେତେ ପଞ୍ଚାୟତ ମାଧ୍ୟମରେ ବଣ୍ଟନ କରାଯାଉଛି ଏବଂ କେତେ ଜଣ SHG Group କେତେ ଜଣ ସାଧାରଣ ଡିଲର ନିଯୁକ୍ତି ଦିଆଯାଇଅଛି ତା'ର ତାଲିକା ପ୍ରଦାନ କରିବେ କି, ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଧିକ ପଞ୍ଚାୟତ ଗୁଡିକ ସାଧାରଣତଃ ପାହାଡିଆ ଦୁର୍ଗମ ଅଞ୍ଚଳ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ ପାଇଁ ବହୁ ଦୂରତା କାରଣରୁ ଜନସାଧାରଣଙ୍କର ସୁବିଧା ପାଇଁ କିଛି କିଛି ଗ୍ରାମକୁ ନେଇ ଏକ ଡିଲର ନିଯୁକ୍ତି କରିବେ କି ?

----

## ମାଛ ଚାଷ ପାଇଁ ପ୍ରସ୍ତାବ

5162 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କୋରାପୁଟ ଜିଲ୍ଲା ସାଧାରଣତଃ ମାଛ ପାଇଁ ଆନ୍ଧ୍ର ଉପରେ ନିର୍ଭର କରୁଅଛି ଏଣୁ ପ୍ରତି ପଞ୍ଚାୟତରେ ପୋଖରୀ ଖନନ କରି ମାଛଚାଷ କରିବା ବ୍ୟବସ୍ଥା ଅଛି କି, ଯଦି ଅଛି ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ପଞ୍ଚାୟତରେ ମାଛ ଚାଷ କରାଯାଇଅଛି ତା'ର ରକ୍ଷଣା ବେକ୍ଷଣ ଓ ତଦାରଖ କରିବାକୁ କାହା ଉପରେ ନ୍ୟସ୍ତ ଅଛି ତା'ର ଏକ ତାଲିକା ପ୍ରଦାନ କରିବେ କି, (ଖ) ଆଗକୁ ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପଞ୍ଚାୟତରେ ପୋଖରୀ ଖୋଳି ମାଛ ଚାଷ କରିବା ପାଇଁ ପ୍ରସ୍ତାବ ଅଛି ?

----

## ଅଳସୀ ଚାଷପାଇଁ ପ୍ରୋତ୍ସାହନ

5163 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କୋରାପୁଟ ଜିଲ୍ଲାରେ କି କି ପ୍ରକାରର ତୈଳବିଜ ଚାଷ କରାଯାଉଛି ତା'ର ଏକ ତାଲିକା ପ୍ରଦାନ କରିବେ କି ତୈଳବୀଜ ଚାଷିମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର କି କି ପଦକ୍ଷେପ ନେଇଛନ୍ତି, (ଖ) ଅବିଭକ୍ତ କୋରାପୁଟ ଜିଲ୍ଲାରେ ତୈଳବୀଜ ଅଳସୀ ଚାଷ ପ୍ରଚୁର ପରିମାଣରେ ହେଉଥିଲା ତାହା ବର୍ତ୍ତମାନ ଧିରେ ଧିରେ ଲୁପ୍ତ ହେବାରେ ଲାଗିଲାଣି ଏଣୁ ସରକାର ଉତ୍ତମ ଧରଣର ବିହନ ଯୋଗାଇ ଅଳସୀ ଚାଷ ପାଇଁ ପ୍ରୋତ୍ସାହନ ଦେଇ ଚାଷିଙ୍କୁ ଆର୍ଥିକ ଶସକ୍ତି କରାଇବେ କି ?

----

## ଗୋ ପାଳନ ମାଧ୍ୟମରେ ଆତ୍ମନିଯୁକ୍ତି

5164 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଗ୍ରାମରେ କେଉଁ କେଉଁ ହିତାଧୀକାରୀଙ୍କୁ ଗୋ ପାଳନ ମାଧ୍ୟମରେ ଆତ୍ମନିଯୁକ୍ତି କରାଇଛନ୍ତି ଓ ଏଦିଗରେ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିଛନ୍ତି, (ଖ) ପଟାଙ୍ଗି ନିର୍ବାଚନ ମଣ୍ଡଳୀ ନନ୍ଦପୁର ବ୍ଲକରେ ଏକ କ୍ଷୀର ସୋସାଇଟି ଥିଲା, ଆଖପାଖର ଗ୍ରାମଗୁଡିକରୁ ହିତାଧିକାରୀ ମାନେ କ୍ଷୀର ଆଣି ସୋସାଇଟିରେ ଦେଇ ସ୍ୱାବଲମ୍ବ ହୋଇ ପାରୁଥିଲେ ଉକ୍ତ ସୋସାଇଟିକୁ ସରକାର ପୁଣିଥରେ କାର୍ଯ୍ୟ କ୍ଷମ କରାଇ ଚାଷିଙ୍କୁ ସ୍ୱାବଲମ୍ବି କରାଇବେ କି ପଟାଙ୍ଗି ଓ ସେମିଳିଗୁଡା ବ୍ଲକରେ ମଧ୍ୟ କ୍ଷୀର ସୋସାଇଟି କରାଇ ଗ୍ରାମାଞ୍ଚଳର ଲୋକଙ୍କୁ ଗୋପାଳନ ପାଇଁ ପ୍ରସ୍ୱାହନ ଦେଇ ସ୍ୱାବଲମ୍ବି କରାଇବାରେ ପ୍ରସ୍ତାବ ରଖିବେ କି ?

----

## ସିଏମ୍ କିଶାନ ଯୋଜନା

5165 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ପୌରାଞ୍ଚଳରେ ବସବାସ କରୁଥିବା କୃଷକମାନେ ଯେଉଁମାନଙ୍କର ଚାଷଜମି ଗ୍ରାମାଞ୍ଚଳରେ ଅଛି ଓ ଅଦ୍ୟାବିଧି ସେମାନେ ଚାଷକାର୍ଯ୍ୟ ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଛନ୍ତି ସେମାନେ ସିଏମ କିସାନ ଯୋଜନାରେ ହିତାଧିକାରୀ ଦେବାରେ କିଛି ବାଧକ ଅଛି କି ?

----

## Proposal Establish Small or Medium Enterprises

5166 **Shri Ramesh Chandra Behera (ଦଶପଲ୍ଲା):**

Will the Minister for **Micro, Small & Medium Enterprises** be pleased to state that:-:-

Is there any proposal to establish small or medium Enterprises in Gania, Daspalla and nuagaon Block of Daspalla Assembly Constituency, if so what steps have been taken in this regard ?

----

## ମାଛ ଉତ୍ପାଦନ

5167 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପୋଖରୀ, ବନ୍ଧ ଓ ଜଳାଶୟରୁ କେତେ ପରିମାଣର ମାଛ ଉତ୍ପାଦନ ହେଉଅଛି ତା'ର ଗତ ତିନିବର୍ଷର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ଉପସ୍ଥାପନା କରିବେ କି, ମଧୁର ଜଳରେ ମାଛ ଚାଷର ଉତ୍ପାଦନବୃଦ୍ଧି ପାଇଁ କି ସ୍ୱତନ୍ତ୍ର ବ୍ୟବସ୍ଥା ଅଛି, ଏଦିଗରେ କି ପଦକ୍ଷେପ ନେଉଛନ୍ତି ?

----

## କେସ୍ ଫଇସଲା ପାଇଁ ପଦକ୍ଷେପ

5168 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଅଦ୍ୟାବଧି Consumer Disputes Redressal Commission ଙ୍କ ପାଖରେ ସମୁଦାୟ କେତୋଟି ମାମଲା ବିଚାରାଧିନ ଅଛି ତା'ର ଜିଲ୍ଲାୱାରୀ ତାଲିକା ଦେବେ କି, ପ୍ରଥମ ଅପିଲ କେସ କେତୋଟି ଅଛି, ସେଗୁଡ଼ିକୁ ଶ୍ରୀଘ୍ର ଫଇସଲା କରିବା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ବିଦ୍ୟୁତ ଉତ୍ପାଦନ ନିମନ୍ତେ ଡ୍ୟାମ ନିର୍ମାଣ

5169 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜଳ ବିଦ୍ୟୁତ ପ୍ରକଳ୍ପରୁ ବିଗତ ପାଞ୍ଚ ବର୍ଷରେ ଜଳ ବିଦ୍ୟୁତ ଉତ୍ପାଦନ କେତେ ହୋଇଛି ପ୍ରକାଶ କରି ମୟୁରଭଞ୍ଜ ଜିଲ୍ଲାରେ ଜଳ ବିଦ୍ୟୁତ ଉତ୍ପାଦନ ନିମନ୍ତେ ପ୍ରସ୍ତାବ ରଖିଛନ୍ତି କି, ଉତ୍ତର ହଁ ହେଲେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବୃହତ ଡ୍ୟାମ ହଳଦିଆ ଠାରେ ପ୍ରସ୍ତାବ ରଖିବେ କି ?

----

## ଚାଷୀଙ୍କୁ ସୁବିଧା ପ୍ରଦାନ

5170 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମୟୂରଭଞ୍ଜ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ବିଗତ ୪ ବର୍ଷରେ କଣ ପଦକ୍ଷେପ ନେଇଛନ୍ତି ଓ ଆଗାମୀ କଣ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି ଜଣାଇବା ସଙ୍ଗେ ସଙ୍ଗେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଚାଷୀମାନଙ୍କୁ କଣ କଣ ସୁବିଧା ଯୋଗାଇ ଦୋଇଛନ୍ତି ?

----

## ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ପ୍ରତିଷ୍ଠା

5171 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ː**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ଖୋଲାଯିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି କି, ଉତ୍ତର ହଁ ହେଲେ କେଉଁ ସ୍ଥାନରେ ଖୋଲିବା ପାଇଁ ସ୍ଥିର କରିଛନ୍ତି, ଉତ୍ତର ନାଁ ହେଲେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କୌଣସି ଏକ ବ୍ଲକ ରେ ଗୋଟିଏ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

5172 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ː**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଶିଳ୍ପ ଶୂନ୍ୟ ଜିଲ୍ଲାରେ ସରକାରଙ୍କ ତରଫରୁ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ କମ ପଦକ୍ଷେପ ନିଆଯାଇଅଛି ? ଯଦି ହଁ ତାହେଲେ କେଉଁ ଜାଗାକୁ ନିର୍ଣ୍ଣୟ କରାଯାଇଅଛି ଏବଂ କେବେସୁଦ୍ଧା ତାହା କାର୍ଯ୍ୟକାରୀ ହେବ ?

----

## ମତ୍ସ୍ୟଜିବୀଙ୍କୁ ବୌରୟିକ ପରିକ୍ଷଣ ପ୍ରଦାନ

5173 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ː**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବହୁତ ପ୍ରକାରର ପ୍ରକୃତିକ ଉତ୍ସର ସୁଯୋଗ ଥାଇ ଦେବଗଡ ଜିଲ୍ଲାକୁ ମାଛ ଚାଷର ଉନ୍ନତି ପାଇଁ ଏବଂ ମତ୍ସଜୀବୀଙ୍କୁ ବୌରୟିକ ପରିକ୍ଷଣ ଦେବା ପାଇଁ ବିଭାଗ ତରଫରୁ କ'ଣ କ'ଣ ପଦକ୍ଷେପ ନିଆଯାଇଛି, ଯଦି ନାହିଁ ତା'ହେଲେ ଆଗାମୀ ଦିନରେ କିଛି ଯୋଜନା ଅଛି କି ?

----

## PDS ସାମଗ୍ରୀ ବଣ୍ଟନ

5174 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ː**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ପାହାଡ ପର୍ବତ ଦେବଗଡ଼ ଜିଲ୍ଲାର PDS ସାମଗ୍ରୀ ବଣ୍ଟନ ଏବେ ପଞ୍ଚାୟତ ଦ୍ୱାରା କରାଯାଇଅଛି, କିନ୍ତୁ ପଞ୍ଚାୟତରୁ ଗୋଟିଏ ଗୋଟିଏ ଗାଁ କୁ ପ୍ରାୟ 10/5 କି.ମି. ରୁ ଅଧିକ ଦୁରତ୍ୱ ରହୁଛି ଏଣୁ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯଦିବା ସରକାରଙ୍କ ତରଫରୁ sub- center ଖୋଲିବାର ଯୋଜନା ଅଛି, କିନ୍ତୁ ମୁଖ୍ୟ ସେଣ୍ଟର, sub- center କୁ ପରିବହନ ପାଇଁ ବିଭାଗ ତରଫରୁ କୌଣସି ଅର୍ଥର ବ୍ୟବସ୍ଥା ଅଛି କି, ଯଦି ନାଁ ତା'ହେଲେ ତା ପାଇଁ ଅର୍ଥର ବ୍ୟବସ୍ଥା କରି sub- center ମାଧ୍ୟମରେ ହିତାଧିକାରୀଙ୍କୁ ସୁବିଧାରେ PDS ସାମଗ୍ରୀ ଯୋଗାଇବାରେ ବ୍ୟବସ୍ଥା କରିବେ କି ?

----

## ଋଣ ପ୍ରଦାନ ସମ୍ପର୍କରେ

5175 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ː**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମାଧ୍ୟମରେ ଯୁବ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳତା ପାଇଁ କେଉଁ ସବୁ ସ୍କିମ୍ ସବୁ ରହିଛି, କେତେ ଟଙ୍କା ପର୍ଯ୍ୟନ୍ତ ଋଣ ସବସିଡ ବ୍ୟବସ୍ଥା କ'ଣ ରହିଛି, କେଉଁ ବ୍ୟାଙ୍କ ଗୁଡ଼ିକ ଋଣ ଦେଇ ଥାଆନ୍ତି, ଋଣ ଦେବା ପାଇଁ ବ୍ୟାଙ୍କ ଗୁଡ଼ିକର କଣ ସବୁ condition ଥାଏ ଏବଂ କେତେ ଦିନ ମଧ୍ୟରେ ଋଣ ପାଇବା ବ୍ୟବସ୍ଥା ରହିଛି?

----

## ଡଙ୍ଗରିଆ କନ୍ଧଙ୍କ ଉନ୍ନତି

5176 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ː**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ବିଷମ କଟକ ନିର୍ବାଚନ ମଣ୍ଡଳୀର ନିୟମ ଗିରି ପାହାଡ଼ରେ ବସତି ସ୍ଥାପନ କରୁ ଥିବା ଡ଼ଙ୍ଗରିଆ କନ୍ଧଙ୍କ ହାତବୁଣା ଲୁଗା ନିମନ୍ତେ ସ୍ୱତନ୍ତ୍ର ଭିତ୍ତି ଭୂମି ଏବଂ ବ୍ୟବସାୟିକ ନିମନ୍ତେ କ'ଣ ବ୍ୟବସ୍ଥା କରାଯାଇଛି,ଯଦି କରାଯାଇ ନାହିଁ ତାହା ହେଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ବିଦ୍ୟୁତ ସଂଯୋଗ

5177 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ରାୟଗଡା ଜିଲ୍ଲାର ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ଅଧିନସ୍ଥ ଆଦିବାସୀ ଅଧ୍ୟୁଷିତ ଗ୍ରାମ ପଡ଼ା ରେ ଅଦ୍ୟାବଧି ଲୋକମାନେ ବିଦ୍ୟୁତ୍ ସଂଯୋଗ ପାଇ ନଥିବା ସରକାର ଜାଣିଛନ୍ତି କି, ଯଦି ହଁ ହେଲେ ଏ ଅବହେଳାର କାରଣ ଜଣାଇବେ କି, ଏ ଗ୍ରାମ ପଡ଼ା ଗୁଡ଼ିକର ତାଲିକା ଦେବା ସଙ୍ଗେ ସଙ୍ଗେ କେବେ ସୁଦ୍ଧା ଏ ଗ୍ରାମ ପଡ଼ା ଗୁଡିକରେ ବିଦ୍ୟୁତ୍ ସଂଯୋଗ ପାଇବେ?

----

## ଗୋଦାମ ଗୃହର ନିଜସ୍ୱ ଗୃହ

5178 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଜପତି ଜିଲ୍ଲାରେ ଥିବା ସମବାୟ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ଓ ଗୋଦାମଗୃହ ଗୁଡିକର ନିଜସ୍ୱ ଗୃହ ନାହିଁ, ଏହି ସବୁ ଭଡାଘରେ ଚାଲୁଅଛି, ଏସବୁର ନିଜସ୍ୱ ଗୃହ ଓ ଗୋଦାମ ଘର ବିଭାଗ ତରଫରୁ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବେ କି ଏବଂ ସହରରେ ବସବାସ କରୁଥିବା କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ କିସାନ, କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଧାନ ବିକ୍ରୟ ସମ୍ପର୍କରେ

5179 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଜପତି ଜିଲ୍ଲାରେ ଗ୍ରୀଷ୍ମଋତୁରେ ଉତ୍ପାଦନ ହେଉଥିବା ଧାନ ବିକ୍ରୟରେ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଚଳିତ ବର୍ଷ (୨୦୨୪ - ୨୫) ଧାନ କ୍ରୟ କରିବା ଲାଗି ଅନୁରୋଧ କରାଯାଇ ଥିଲା ଓ କେତେ ଚାଉଳ ମିଲର ମାନଙ୍କ ମିଲରେ ପଡିରହିଛି ତା'ର ସବିଶେଷ ବିବରଣୀ ଦେବା ସହ କେବେ ସୁଦ୍ଧା ସମ୍ପୂର୍ଣ୍ଣ ଚାଉଳ ଉଠାଇବେ ?

----

## ମିଲେଟ୍ ଯୋଜନା ସମ୍ପର୍କରେ

5180 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ 'ମିଲେଟ' କୁ କେଉଁ କେଉଁ କ୍ଷେତ୍ରରେ ବ୍ୟବହାର ପାଇଁ ସରକାର ନୀତି ନିଷ୍ପତ୍ତି ନେଇଛନ୍ତି ଏବଂ ଏହି ଆଧାରରେ ବିଗତ ୩ ବର୍ଷ ମଧ୍ୟରେ କେଉଁ ହିତାଧିକାରୀ ମାନେ କେତେ ପରିମାଣର 'ମିଲେଟ' କେଉଁ ଆକାରରେ ପାଇଛନ୍ତି ତା'ର ଜିଲ୍ଲାୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ସାଧାରଣ ଲୋକଙ୍କୁ ସୁବଣ୍ଟନ କ୍ଷେତ୍ରରେ କେତେ ସଫଳତା ପାଇଛି ?

----

## Audit ବିବରଣୀ ପ୍ରଦାନ

5181 **ଶ୍ରୀମତୀ ସୀମାରାଣୀ ନାୟକ (ହିନ୍ଦୋଳ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ବ୍ଲକସ୍ତରୀୟ କୃଷି ଅଧିକାରୀ ଅଧିନରେ କାର୍ଯ୍ୟ କରୁଥିବା ATMA Schemeର Audit କେଉଁ ଜିଲ୍ଲାର କେଉଁ ବ୍ଲକ ଗୁଡ଼ିକରେ କେବେଠାରୁ କେଉଁ କାରଣ ପାଇଁ କରାଯାଇନାହିଁ, ଏହି Audit ପାଇଁ କେତେ ଖର୍ଚ୍ଚ ହୋଇଥାଏ ଏବଂ ଏହା କିଏ ବହନ କରିଥାନ୍ତି ତା'ର ସବିଶେଷ ବିବରଣୀ ପ୍ରଦାନ କରିବେ କି; (ଖ ) Audit ରେ ଅବହେଳା କରିଥିବା ଜିଲ୍ଲା କୃଷି ଅଧିକାରୀମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ କରାଯିବାର ବ୍ୟବସ୍ଥା ଅଛି, କେଉଁ ଜିଲ୍ଲାରେ କେଉଁ ବର୍ଷ ପର୍ଯ୍ୟନ୍ତ Audit ହୋଇଛି ?

----

## SADP ଯୋଜନାରେ ସୌରଶକ୍ତି ବିନିଯୋଗ

5182 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରେଇ ନିର୍ବାଚନ ମଣ୍ଡଳୀରେ ଭାରତ ସରକାରଙ୍କ SADP ଯୋଜନା ସାହାଯ୍ୟରେ କେଉଁ କେଉଁ ମନ୍ଦିରରେ ସୌରଶକ୍ତି ବିନିଯୋଗ ପ୍ରସ୍ତାବ ଦିଆଯାଇଛି, ଏଗୁଡ଼ିକ କାର୍ଯ୍ୟକ୍ଷମ ପାଇଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଗୋଶାଳାକୁ ସରକାରୀ ଅନୁଦାନ ପ୍ରଦାନ

5183 **ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବ୍ୟାସନଗର ପୌରପରିଷଦଠାରେ ଏକ ବହୁ ପୁରାତନ ଗୋଶାଳା ପ୍ରତିଷ୍ଠା କରିଥିବା ବଦାନ୍ୟ ସଂସ୍ଥାକୁ ସରକାରୀ ପ୍ରୋତ୍ସାହନ ଯୋଗାଇବା ଏବଂ ଏହି ପୁରାତନ ଗୋଶାଳାର ଉନ୍ନତିକରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ଜଣାଇବେ କି ; ଗୋଶାଳାରେ ଥିବା ଗୋ ସମ୍ପଦଙ୍କ ଗୋବର ଓ ଗୋ ମୁତ୍ରରୁ ଜୈବିକ ସାର, ରସାୟନ ପ୍ରସ୍ତୁତ କରି କୃଷି କ୍ଷେତ୍ରରେ ପ୍ରୟୋଗ ପାଇଁ ବ୍ୟବସ୍ଥା କରିବେ କି ?

----

## କାଜୁ ଚାଷ ସମ୍ପର୍କରେ

5184 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାରେ ଗତ ତିନି ବର୍ଷରେ କେତେ କାଜୁ ଗଛ ଲଗାଯାଇଛି; ଏହି ବାବଦରେ କେତେ ପରିମାଣର ବାଡ଼ କେତେ ବ୍ୟୟବରାଦରେ ଲଗାହୋଇଛି ; କାଜୁ ଗଛର ରକ୍ଷଣାବେକ୍ଷଣ ପାଇଁ କେଉଁ ସାର ଓ କେତେ ପରିମାଣର ବ୍ୟବହାର କରାଯାଇଛି ; କାଜୁ ଗଛରେ ପାଣି ଯୋଗାଣ ପାଇଁ କେଉଁ ସ୍ଥାନରେ କ'ଣ ବ୍ୟବସ୍ଥା କରାଯାଇଛି ?

----

## ପୋଖରୀ ଖନନ

5185 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାରେ ଗତ ତିନି ବର୍ଷରେ Soil Conservation & Water Shed Development ଅନ୍ତର୍ଗତ MGNREGA ରେ କେତେ ପୋଖରୀ ଖୋଳାଯାଇଅଛି, କେତେ ବ୍ୟୟବରାଦରେ ଏବଂ ସମସ୍ତ ହିତାଧିକାରୀଙ୍କ ନାମ, ଠିକଣା, ମୋବାଇଲ ନଂ ସହ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ କେତେ ଟଙ୍କା ଯାଇଛି ?

----

## Vacant Post ପୁର୍ଣ୍ଣ କରିବାକୁ ପଦକ୍ଷେପ

5186 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାସୁଦେବ ପୁର ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ କାର୍ଯ୍ୟାଳୟରେ କେତେ ଜଣ କର୍ମଚାରୀ କର୍ଯ୍ୟରତ ଅଛନ୍ତି ଏବଂ କେଉଁ କେଉଁ Post Vacant ଅଛି ଜଣାଇବେ କି, Vacant post ଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ?

----

**Polly ରୋଲ ସମ୍ପର୍କରେ ତଥ୍ୟ ପ୍ରଦାନ**

5187 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- OMFED ଦୁଗ୍ଧ Packing ହେଉଥିବା Polly ରୋଲ କେଉଁ ସଂସ୍ଥାରୁ କିଣା ହେଉଛି ବର୍ଷକୁ କେତେ ପରିମାଣର କିଣା ହେଉଛି ତାହା କେତେ Microne ଅଟେ, ଏବଂ ଏହାର Imiration text ଅଛି କି ନାହିଁ ?

----

**ଖଦୀ ଓ କୁଟୀର ଶିଳ୍ପର ବିକାଶ**

5188 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ଶିଳ୍ପ ମାନ ଅଛି, ସେଥି ମଧ୍ୟରୁ କେତେଗୋଟି କାର୍ଯ୍ୟକ୍ଷମ ଅଛି ଓ କେତେଗୋଟି ଅଚଳ ଅବସ୍ଥାରେ ଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବା ସହ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଖଦୀ ଓ କୁଟୀର ଶିଳ୍ପର ବିକାଶ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**Guideline ର ସବିଶେଷ ତଥ୍ୟ ପ୍ରଧାନ**

5189 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Madhusudan Institute of Coop.MGT କୁ ରଜ୍ୟ ସରକାର କେଉଁ କେଉଁ ଅଫିସର କର୍ମଚାରୀ ମାନଙ୍କୁ ତାଲିମ ପାଇଁ ପଠାନ୍ତି, ଏହି ସଂସ୍ଥାରେ କେତେଜଣ ଅସ୍ଥାୟୀ ଅଧ୍ୟାପକ କାର୍ଯ୍ୟ କରୁଛନ୍ତି ସେମାନଙ୍କର ନାମ, ବୟସ, ଶିକ୍ଷାଗତ ଯୋଗ୍ୟତା) ସେମାନଙ୍କୁ ନିଯୁକ୍ତି ଓ ପୁନଃ ନିଯୁକ୍ତି ଦେବାବେଳେ ସଂପୃକ୍ତ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ (National Council Coop. Training ) ର Guideline କୁ ପାଳନ କରାଯାଉଛି କି, ଉକ୍ତ Guideline ର ଏକ ଅବିକଳ ତଥ୍ୟ ଉପସ୍ଥାପନା କରିବେ କି ?

----

**ଅନୁମତି ପତ୍ରର ତଥ୍ୟ ପ୍ରଦାନ**

5190 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) Madhusudan Institute Coop. Mgt. କୁ ରାଜ୍ୟ ସରକାର 2022-24 ଆର୍ଥିକ ବର୍ଷରେ କେତେ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି, (ଖ) ଏହି ସଂସ୍ଥାକୁ ୨୦୨୪ - ୨୫ ବର୍ଷରେ NCCT (National Council for Coop. Trg.) ପକ୍ଷରୁ ଅନୁଷ୍ଠାନ ପରିଷଦରେ ଥିବା ମୂଲ୍ୟବାନ ଗଛ ଗୁଡିକୁ କାଟିବା ପାଇଁ ଅନୁମତି ଦେଇଥିଲେ କି, ତା'ର ଏକ ତାଲିକା ସହିତ ତଥ୍ୟ ଉପସ୍ଥାପନା କରିବେ କି ?

----

## ନିଯୁକ୍ତି ପାଇଥିବା ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ

5191 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) Madhusudan Institute of Coop. Mgt. କୁ ରାଜ୍ୟ ସରକାର ପକ୍ଷରୁ ୨୦୧୪ ମସିହା ଠାରୁ କେତେ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି, (ଖ) ଏହି ୨୦୧୪ ମସିହା ଠାରୁ ଆଜି ପର୍ଯ୍ୟନ୍ତ କେତେ କର୍ମଚାରୀଙ୍କୁ ସ୍ଥାୟୀ ଓ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି ଓ ଏହି ବର୍ଷମାନଙ୍କ ମଧ୍ୟରେ କେଉଁ କେଉଁ ସମ୍ବାଦପତ୍ର ବିଜ୍ଞାପନ ପ୍ରକାଶିତ ହୋଇଥିଲା (ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ) କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତା'ର ଏକ ବିସ୍ତୃତ ତାଲିକା ଉପସ୍ଥାପନା କରିବେ କି ?

----

## ତାଲିମ୍ ପ୍ରଦାନ

5192 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଦୂର ନିରନ୍ତର ପାଠ୍ୟକ୍ରମ ଜରିଆରେ ଚାଷୀମାନଙ୍କୁ ଅତ୍ୟାଧୁନିକ କୃଷି ସମ୍ପର୍କରେ ତାଲିମ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଯନ୍ତ୍ର ପାତି ଯୋଗାଣ

5193 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପଞ୍ଚାୟତ ସ୍ତରରେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡାରେ ଯୋଗାଇଦେବା ପାଇଁ ସରକାର କୃଷି ସେବା କେନ୍ଦ୍ର ଖୋଲିବା ସହ ଟ୍ରାକ୍ଟର, ପାୱାର ଟିଲର୍, ଧାନ କଟା ଯନ୍ତ୍ର, ଧାନ ଅମଳ, ଧାନରୁଆ, ସିଞ୍ଚନ ଯନ୍ତ୍ର, ଚକି ଲଙ୍ଗଳ, ପାଣି ପମ୍ପ ଓ ମଞ୍ଜିବୁଣା ଯନ୍ତ୍ର ଇତ୍ୟାଦିର ବ୍ୟବସ୍ଥା ଅଛି ବୋଲି ଯାହା ଗଣମାଧ୍ୟମରେ ପ୍ରକାଶ ପାଉଛି ତାହା ସତ୍ୟ କି, ଯଦି ହଁ ଗରୀବ ଚାଷୀଟିଏ ଭଡାରେ ବେସରକାରୀ ସ୍ତରରୁ ବହୁ ଟଙ୍କା ଦେଇ ମେସିନ ଆଣୁଥିବାରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ଓ କୃଷି ଋଣ ଓ ଯନ୍ତ୍ରପାତି କିଣାରେ Subsidy ବ୍ୟବସ୍ଥା ଥିବାରୁ ଋଣ ପାଇଁ ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ୫ ରୁ 10 ହଜାର ଟଙ୍କା ଦେଇ ସୁବିଧା ହାତେଇବାକୁ ପଡୁଥିବାରୁ କୃଷି ବିଭାଗରେ ଚାଲିଥିବା ଅନିୟମିତତା, ଲାଞ୍ଚ କାରବାର ପ୍ରତି ଦୃଷ୍ଟି ଦେବେ କି ?

----